# ନୀଳଗିରି-ସନ୍ତରାଗଡ଼ିଆ ରାସ୍ତା ମରଣଯନ୍ତା



ନୀଳଗିରି, ୭।୬(ସମିସ): ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣାଧୀନ ନୀଳଗିରିରୁ -ବାଉଳଗଡ଼ିଆ ରାସ୍ତାରେ ନୀଳଗିରିରୁ - ସନ୍ତରାଗଡ଼ିଆ ପର୍ଯ୍ୟନ୍ତ ୧୨କିମି ରାସ୍ତା ଏବେ ଖାଲଖମା ହୋଇ ବିପଦସଙ୍କୁଳ ହୋଇ ପଡ଼ିଛି। ଠିକାଦାର ଜଣକ କେବଳ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛକୁ କାଟି ମାଟି ପୂରଣ କରୁଥିବା ଦେଖିବାକୁ ମିଳିଛି। ଏହା ବ୍ୟତିରେକେ ବହୁଦିନ ହେବ ରାସ୍ତା ନିର୍ମାଣ କାମକୁ କଚ୍ଛପ ଗତିରେ ଚାଲିଛି। ପୁରୁଣା ପିଚୁ ଉଠିଗଲାଣି, ରାସ୍ତା ମଝିରେ ଖାଲଖମା, କୃତ୍ରିମ ଗଣ୍ଡ ସୃଷ୍ଟି ହେବା ଦ୍ୱାରା ଦୁଇଚକିଆ ଯାନ ଠାରୁ ଆରମ୍ଭ କରି ସାଇକେଲ ଆରୋହୀ ପର୍ଯ୍ୟନ୍ତ ଏହି ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତା ଉପରେ ଦୈନନ୍ଦିନ ଶହ ଶହ ଭାରୀଯାନ ଦ୍ରୁତ ଗତିରେ ଚାଲୁଥିବାରୁ ରାସ୍ତା ଅତ୍ୟଧିକ ଖରାପ ହୋଉଛି। ଏତଦଭିନ୍ନ ରାସ୍ତାର ମଝିରେ ମଝିରେ ଥିବା ପୁରୁଣା ପୋଲକୁ ଭାଙ୍ଗି ନୂତନ କଲଭର୍ଟ ପୋଲ ନିର୍ମାଣର ନିୟମ ଥିଲେ ସୁଦ୍ଧା ହୋମ ପାଇପ ପକାଇ ଯେନତେନ କାମଚଳା ରାସ୍ତା ନିର୍ମାଣ କରୁଛନ୍ତି ଠିକାଦାର। ରାସ୍ତାର ଦୁରାବସ୍ଥା ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଥିବା ବେଳେ ମରାମତି କରାଯାଉନାହିଁ। ଏ ସମ୍ପର୍କରେ ଠିକାଦାରଙ୍କୁ ପଚାରିବାରୁ ରାସ୍ତାର ଦୁଇପାର୍ଶ୍ୱ କାମ ସମ୍ପୂର୍ଣ୍ଣ ପରେ ପିଚୁ କାମ ହେବ, ଏବେ କିଛିବି ଅସ୍ଥାୟୀ ମରାମତି କରିହେବ ନାହିଁ ବୋଲି ରୋକଠୋକ ମନା କରିଦେଇଛନ୍ତି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ଘରେ କଳାକନା ବୁଲାଇଲା ଚୋର

**୨ଜଣଙ୍କ ଘରୁ ୪ଲକ୍ଷ ଟଙ୍କାର ଅଳଙ୍କାର ଚୋରି**

ଜଳେଶ୍ୱର ବ୍ଲକ, ୭।୬ (ସମିସ) : ଜଳେଶ୍ୱର ଥାନା ଅଧିନ ଓଳିନ୍ଦା ଗାଁରେ ଗତ ରାତିରେ ୨ଜଣଙ୍କ ଘରେ ଚୋର ପଶି କଳାକନା ବୁଲାଇଛି। ଶିଶିକାନ୍ତ ଦେଙ୍କ ଛାତ ଉପର ସିଡି ପାହାଚ ରାସ୍ତାରେ ଚୋରମାନେ ଆସି ଘରେ ଥିବା ବାକ୍ସ ଓ ଆଲମାରୀ ଭାଙ୍ଗି ନଗଦ ଟଙ୍କା, ୨ଟି ହାର ନେଇଯାଇଛନ୍ତି। ପ୍ରାୟ ୨ଲକ୍ଷ ଟଙ୍କାର ବିଭିନ୍ନ ଜିନିଷ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ସେହି ଗାଁର ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଘର ପଛ କବାଟ ଭାଙ୍ଗି ଘର ମଧ୍ୟରୁ ନଗଦ ଟଙ୍କା, ୨ଟି କାନଫୁଲ, ୧ଟି ସୁନା ପଲା, ବ୍ରେସଲେଟ ଓ ରୂପା ପାଉଁଜି ସହିତ ପୂଜାବହି ମଧ୍ୟ ଚୋରି ହୋଇଥିବା ଆଜି ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ କୁକୁର ସହାୟତାରେ ଅନୁସନ୍ଧାନ ଜାରି ରଖିଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ଓ ବୁଧବାର ରାତିରେ ମଧ୍ୟ ସେହି ଗାଁର ଲକ୍ଷାଇଁ ହାସଁଦ ଘରୁ କଂସା ବାସନ, ମୁଶୁ ଘରୁ ମୋବାଇଲ, ନଗଦ ଟଙ୍କା ଇତ୍ୟାଦି ଚୋରି ହୋଇଥିବାରୁ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମ୍ୟ କମିଟି ପକ୍ଷରୁ ରାତିରେ ପ୍ରହରା ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାମବାସୀ ପୁଲିସ୍ ପାଟ୍ରୋଲିଂ ଲାଗି ନିବେଦନ କରିଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୭।୬ (ସମିସ): ସଦର ବ୍ଲକ ଆଲୁମେଦା ପଞ୍ଚାୟତର ଆଲୁମେଦା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁ ଚରଣ ପ୍ରଧାନଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେବତୀମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଈଶ୍ୱର ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ଏହି ବିଦ୍ୟାଳୟର ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ସୁଚାରୁ ରୂପେ ତାଙ୍କ କାର୍ଯ୍ୟ କରି ଆସିଥିଲେ। ସେ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ନିଜର ପୁଅ ଝିଅ ଏବଂ ସହକର୍ମୀଙ୍କୁ ନିଜର ପରିବାର ସଦସ୍ୟ ଭାବି କାର୍ଯ୍ୟ କରୁଥିଲେ। ଆଜି ତାଙ୍କ ବିଦାୟ ବେଳରେ ସମସ୍ତ ନୂତନ ପୁରାତନ ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟି ଗ୍ରାମବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଛନ୍ତି। ଆଜି ସଭା କାର୍ଯ୍ୟ ସରିବା ପରେ ସସମ୍ମାନେ ବାଜା ବଜାଇ ଶୋଭାଯାତ୍ରାରେ ବିଦ୍ୟାଳୟଠାରୁ ତାଙ୍କ ଘରୁ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ଶ୍ରୀକାନ୍ତ ପ୍ରଧାନ, ବ୍ରଜ ମୋହନ ପାଢ଼ୀ, ହୃଦାନନ୍ଦ ମହାନ୍ତି, ବିଦ୍ୟାଳୟର ପ୍ରତିଷ୍ଠାତା ଭାଗିରଥି ମଲ୍ଲିକ, ଭୀମ ଚରଣ ପଟାୟତ, ବିମଳ ରଣଜିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ଫାଉଣ୍ଡେସନର ଜିଲ୍ଲା ସଦସ୍ୟ ଅରୁଣ କୁମାର ପାତ୍ର, ଅମର ପଣ୍ଡା, ପ୍ରମୋଦ ପାଢ଼ୀ, ସନ୍ତୋଷ ପ୍ରଧାନ, ଜଗନ୍ନାଥ ସ୍ୱାଇଁ, ସର୍ବେଶ୍ୱର ପାଣି, ଶମ୍ଭୁନାଥ ସାହୁ, ଶ୍ୟାମସୁନ୍ଦର ପ୍ରଧାନ ମଞ୍ଚାସୀନ ହୋଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୁରାତନ ଛାତ୍ର ଯୁଧିଷ୍ଠିର ମଲ୍ଲିକ, ଦ୍ରୋଣାଚାର୍ଯ୍ୟ ପଟାୟତ, ଶୁକ୍ରାଚାର୍ଯ୍ୟ ପଟାୟତ, ଘନଶ୍ୟାମ ପରିଡ଼ା, ରାଜକିଶୋର ପଟାୟତ, ଜଗନ୍ନାଥ ଜେନା, ବିଜୟ ମଲ୍ଲିକ, ଅର୍ଚ୍ଚନା ପଟାୟତ, କମଳାକାନ୍ତ ମଲ୍ଲିକ, ରୂପମଞ୍ଜରୀ ପାଢ଼ୀ, ଉତ୍ତର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ନୀଳଗିରିରେ ପ୍ରଚଣ୍ଡ ଶବ୍ଦ ଅନୁଭୂତ, ଅଞ୍ଚଳବାସୀ ଭୟଭୀତ

ନୀଳଗିରି, ୭।୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ସହରରେ ଆଜି ଦିନ ୯ ଟା ୫୬ ମିନିଟ ସମୟରେ ହଠାତ ଆକାଶ ମାର୍ଗରୁ ଗୋଟିଏ ମିନିଟ ମଧ୍ୟରେ ଦୁଇଥର ଛାତିଥରା ପ୍ରଚଣ୍ଡ ଶବ୍ଦ ଅନୁଭୂତ ହୋଇଥିଲା। ଯାହା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ି ଥିଲେ। ଶବ୍ଦର ମାତ୍ରା ଏତେ ଅଧିକ ଥିଲା କି ଘରର କାନ୍ଥ, କାଚ ଝରକା ଥରିଯିବା ସହ ଘରଗୁଡିକରେ ଥିବା ରୋଷେଇ ସାରଞ୍ଜାମ ଏଣେ ତେଣେ ପଡ଼ିଥିଲା। ଲୋକମାନେ ଘର ଭାଙ୍ଗିଗଲା ଭଳି ଶବ୍ଦ ଶୁଣି ଭୂମିକମ୍ପ ଭାବି ଘର ଛାଡି ବାହାରକୁ ଦୌଡିଥିଲେ। ସୂଚନା ମୁତାବକ, ଦୁଇ ଦିନ ହେବ ଲୋକମାନେ ଏହି ଶବ୍ଦ ଶୁଣୁଥିବାରୁ ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଛି। ଯେହେତୁ ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ଘାଟି ରହିଛି ସେଠାରେ କିଛି ପରୀକ୍ଷଣ ହୋଇଥିବ ବୋଲି ଲୋକେ ଅନୁମାନ କରୁଛନ୍ତି।

# ବଜ୍ରପାତରେ ଗାଈ ମୃତ

ନୀଳଗିରି, ୭।୬(ସମିସ): କାଳବୈଶାଖୀ ପ୍ରଭାବରେ ପ୍ରତ୍ୟେକ ଦିନ ଅପରାହ୍ନ ସମୟରେ ଘୂର୍ଣ୍ଣିଝଡ ସାଙ୍ଗକୁ ପବନ ଅନୁଭୂତ ହେଉଛି। ଆଜି ଅପରାହ୍ନରେ ନୀଳଗିରି ବ୍ଲକ ପିଠାହତା ପଞ୍ଚାୟତ ବଡିସାହି ଗ୍ରାମର କାନ୍ଦ୍ର ହାଁସଦାଙ୍କ ଗାଈ ବଜ୍ରପାତରେ ମୃତ୍ୟୁ ବରଣ କରିଛି। ବର୍ଷା ହେବା କାରଣରୁ ଗାଈଟି ଏକ ତେନ୍ତୁଳି ଗଛ ମୂଳରେ ଛିଡା ହୋଇଥିଲା। ବିଜୁଳି ମାରିବାରୁ ଗାଈଟି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା।



# ତାଳସାରୀ ବେଳାଭୂମିରେ ପର୍ଯ୍ୟଟକଙ୍କୁ ବୋଟିଂ ସୁବିଧା



ଚନ୍ଦନେଶ୍ୱର, ୭।୬(ସମିସ) : ପର୍ଯ୍ୟଟକଙ୍କ ଆକର୍ଷଣ ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ ବେଳାଭୂମି। ଲାଲ୍ କଙ୍କଡ଼ା ସହିତ ବେଳାଭୂମି ଏବଂ ହ୍ୱିସିଲ୍ କାଜୁରିନା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଉଦୟପୁର ଓ ତାଳସାରୀ ବେଳାଭୂମିରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ପ୍ରକୃତିପ୍ରେମୀଙ୍କୁ ମନୋରମ ଅନୁଭବ ଦେଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ଦେଶୀ ବିଦେଶୀ ପର୍ଯ୍ୟଟକ ଏହି ବେଳାଭୂମିକୁ ଆସିଥାଆନ୍ତି। ଓଡ଼ିଶା ସରକାର ଏହାକୁ ବିଶ୍ୱସ୍ତରୀୟ ବେଳାଭୂମି କରିବାପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରିଥିଲେ। ପର୍ଯ୍ୟଟକଙ୍କ ନୌବିହାର ପାଇଁ ଏଠାରେ ସୁବିଧା ରହିଛି। ଏଠି ସମୁଦ୍ରର କ୍ଷୀପ୍ର ସ୍ରୋତକୁ ନିୟନ୍ତ୍ରଣ କରିଥାଏ ୩ଟି ଚଡ଼, ତଥାପି ସମୁଦ୍ର ଢେଉ ଥାଏ। ଯାହାଫଳରେ ଜଳକ୍ରୀଡ଼ା ଓ ନୌବିହାର ପାଇଁ ତାଳସାରୀ ଅନ୍ୟ ବେଳାଭୂମିଠାରୁ ସୁରକ୍ଷିତ। ପର୍ଯ୍ୟଟକ ମାନଙ୍କୁ ନାବିକମାନେ ବିଭିନ୍ନ ଚଡ଼ ମାନଙ୍କୁ ବୁଲାଇଥାନ୍ତି। କିନ୍ତୁ ସୁବର୍ଣ୍ଣଦୀପକୁ ଯିବା ପାଇଁ ନୌବିହାର ପାଇଁ ଉଦ୍ଦିଷ୍ଟ ଡଙ୍ଗାକୁ ଅନୁମତି ଦିଆଯାଏ ନାହିଁ। ଯଦିବି କେହି ଯାଆନ୍ତି ବଡ଼ବଡ଼ ଲଞ୍ଚରେ ଗଙ୍ଗାମାତା ମେରାଇନ ସମବାୟରୁ ଲାଇଫ ଜ୍ୟାକେଟ ନେଇ ଯାଇଥାନ୍ତି। ତଥାପି ଜୁଆର ସମୟରେ ଚଡ଼ ମଧ୍ୟସ୍ଥ ନାସି ବି ଅଶାନ୍ତ ଥାଏ। ତେଣୁ ଜୁଆର ସମୟରେ ମେରାଇନ ଥାନା ତରଫରୁ ଜଣେ ଦୁଇଜଣ ଆରକ୍ଷୀଙ୍କୁ ଡିଉଟିରେ ରଖିବା ଉଚିତ। ଏବଂ ସେତେବେଳେ ପର୍ଯ୍ୟାପ୍ତ ଲାଇଫ ଜ୍ୟାକେଟର ମଧ୍ୟ ଆବଶ୍ୟକ ରହିଛି। ସେଥିପାଇଁ ସ୍ଥାନୀୟ ଲୋକମାନଙ୍କର ଅଭିଯୋଗ ରହିଛି। ପ୍ରଶାସନ ତଥା ତାଳସାରୀ ମେରାଇନ ଥାନା ଏଥିପ୍ରତି ଧ୍ୟାନ ଦେବା ବିଧେୟ। ଅନ୍ତତଃ ଟେଣ୍ଡର ପାଇଥିବା ବ୍ୟବସାୟୀ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ନିକଟରେ ଥିବା ବିଚିତ୍ରପୁର ଇକୋ ଟୁରିଜିମ ଇଲାକା ଭିତରକୁ ଯିବାକୁ ଅନୁମତି ନାହିଁ। କିନ୍ତୁ ବେଳେ ବେଳେ ସେଠାକାର ଶୃଙ୍ଖଳା ଭଙ୍ଗ କରିବା ସହିତ ଫେରିବାର ଅନୁମତି ପାଇବା ଯାଏଁ ରହିବାକୁ ପଡ଼ିବାରୁ ପର୍ଯ୍ୟଟକ ଅସୁବିଧାରେ ପଡନ୍ତି। ପର୍ଯ୍ୟଟକ ଚାହିଁଲେ ବିଚିତ୍ରପୁର ଇକୋ ଟୁରିଜିମରୁ ନୌବିହାର କରି ବିଜ୍ଞାନ ସମ୍ମତ ବିଭିନ୍ନ ବୃକ୍ଷ ସମେତ ଅନେକ ନୂତନତ୍ୱର ସନ୍ଧାନ ପାଇପାରିବେ।

# ଘରେ ପଶି ସଂଘବଦ୍ଧ ଆକ୍ରମଣ

ବାରିପଦା, ୭।୬(ସମିସ): ଘରେ ପଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଯମୁନାଦେଇପୁର ଅଞ୍ଚଳର ଅଜିତ ମୁଦୁଲି ସ୍ଥାନୀୟ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପତ୍ନୀ ଘରେ ଥିବା ବେଳେ ରାତି ୧୧ସମୟରେ ସ୍ଥାନୀୟ ଅଞ୍ଚଳର ପୂଜା ଧଡ଼ା, ଚିତ୍ତରଞ୍ଜନ ଧଡ଼ା, ସ୍ୱର୍ଣ୍ଣ ଧଡ଼ା ଅତର୍କିତ ଭାବେ ଘରେ ପଶି ଆକ୍ରମଣ କରିଥିଲେ। ଅଜିତଙ୍କୁ ଘୋଷାରି ନେଇ ସଂଘବଦ୍ଧ ଭାବେ ମାରପିଟ କରିଥିଲେ। କାଠରେ ତାଙ୍କ ମୁଣ୍ଡକୁ ପ୍ରହାର କରି ଫଟେଇ ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏନେଇ ତାଙ୍କ ପତ୍ନୀ ପ୍ରତିବାଦ କରିବାରୁ ତାଙ୍କୁ ପିଟାମରା କରିବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥି ସହିତ ଘରକୁ ଜାଳି ଦେବେ ବୋଲି ଧମକ ଦେଇଥିଲେ। ତେବେ ଅଜିତ ଆହତ ହୋଇ ପିଆରଏମ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି।

# ଭୋଗରାଇରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ





**● ପ୍ରଶିକ୍ଷଣ ନେବେ ୪ଟି ବ୍ଲକର ୧୩୮ ଜଣ ଗୁରୁଜୀ ଗୁରୁମା**

ଭୋଗରାଇ, ୭।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗ ଅନ୍ତର୍ଗତ ଭୋଗରାଇ ସଙ୍କୁଳ ପକ୍ଷରୁ ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକର ସମୁଦାୟ ୧୫ ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩୮ ଜଣ ଗୁରୁଜୀ ଗୁରୁମାଙ୍କୁ ନେଇ ଶୁକ୍ରବାର ସନ୍ଧ୍ୟାରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଘାଟିତ ହୋଇଯାଇଛି। ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଖଟୁଆ, ମୁଖ୍ୟବକ୍ତା ଭାବେ ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ, ସହ ବିଭାଗ ନିରୀକ୍ଷକ ସୁବ୍ରତ ମୁଖାର୍ଜୀ, ସଙ୍କୁଳ ପ୍ରମୁଖ ଶରତ କୁମାର ପରିଡ଼ା, ସଙ୍କୁଳ ସଂଯୋଜକ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟଶାଳାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ପରିଚାଳନା କମିଟିର ସଭାପତି ଗିରିଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ୪ ଦିନିଆ ଆଚାର୍ଯ୍ୟ କାର୍ଯ୍ୟଶାଳାରେ ମୌଳିକ, ପ୍ରସ୍ତୁତି ଓ ମଧ୍ୟ ଆଦି ସମୁଦାୟ ୩ଟି ସ୍ତରରେ ପ୍ରଶିକ୍ଷଣ ଦିଆଯିବାକୁ ଥିଲା ବେଳେ ନ୍ୟାସନାଲ କ୍ୟାରିକୁଲମ ଫ୍ରେମ (ଏନସିଏଫ), ଜାତୀୟ ଶିକ୍ଷାନୀତି -୨୦୨୦ ଓ ଫାଉଣ୍ଡେସନ ଲିଟରେସି ଏଣ୍ଡ ନ୍ୟୁମେରିସି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ସ୍ଥାନୀୟ ଶୁଭେଚ୍ଛୁ ନିମାଇଁ ଚରଣ ମହାପାତ୍ର, ଅଭିରାମ ସାହୁ, ଶତ୍ରୁଘ୍ନ ହାତୀଙ୍କ ସମେତ ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ମାତୃ ମଣ୍ଡଳୀ ପରିଚାଳନା କରିଥିଲେ।






ଆସିଲାଣି ବର୍ଷାଋତୁ

# ସଫା ହେଲାନି ନାଳ ଓ ମହାନାଳ







ବାଲେଶ୍ୱର, ୭।୬(ସମିସ): ବର୍ଷା ଋତୁ ଆସିଗଲାଣି। ଆଉ ଅଳ୍ପ କିଛିଦିନ ପରେ ମୌସୁମୀ କେରଳ ଛୁଇଁ ଓଡ଼ିଶା ମାଟି ଛୁଇଁବାକୁ ଯାଉଛି। ଏହିଭଳି ପରିସ୍ଥିତିରେ ବି ବାଲେଶ୍ୱର ପୌରପାଳିକାର ମହାନାଳ ଓ ନାଳ ଗୁଡିକ ପୌର ପ୍ରଶାସନ ପକ୍ଷରୁ ସଫା କରାଯାଉନି। ଯଦି ଘଣ୍ଟାଏ ଧରି କଚଡା ବର୍ଷା ହେବ, ତାହେଲେ ବାଲେଶ୍ୱର ସହରର ଅଧା ଭାଗ ବର୍ଷା ଜଳରେ ବୁଡିଯାଇ ଉବୁଟୁବୁ ହେବ। ତେବେ ଯଥାଶୀଘ୍ର ପୌର ପ୍ରଶାସନ ପକ୍ଷରୁ ନାଳ ଓ ମହାନାଳ ସଫା କରା ନ ଗଲେ, ପୂର୍ବବର୍ଷ ଭଳି ସହର ଭିତରେ ବର୍ଷାଜଳର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି। ଗତବର୍ଷ ବର୍ଷା ଋତୁ ପୂର୍ବରୁ ବାଲେଶ୍ୱର ପୌର ପ୍ରଶାସନ ପକ୍ଷରୁ ମହାନାଳ ସଫେଇ ସଠିକ ଭାବେ କରାଯାଇ ନ ଥିଲା। ମହାନାଳ ସଫେଇ କରିବା ପାଇଁ ଠିକାଦାରୀ ନେଇଥିବା ଏଜେନ୍ସି ବର୍ଷା ଦିନ ପୂର୍ବରୁ ମହାନାଳ ଗୁଡିକୁ ସଫା କରି ନଥିବା ଯୋଗୁ ଗତ ବର୍ଷ ବର୍ଷା ଋତୁ ଆରମ୍ଭରେ ଲଗାଣ ବର୍ଷା ହେବା ଫଳରେ ଅଧା ସହର ବର୍ଷା ଜଳରେ ଭାସିଥିଲା।ଚଳିତ ବର୍ଷ ମଧ୍ୟ ପୂର୍ବ ବର୍ଷ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ପୌରପାଳିକାର ମହାନାଳ ଗୁଡିକ ବର୍ତ୍ତମାନ ସୁଦ୍ଧା ସଫେଇ କରାଯାଇ ନାହିଁ। ପ୍ରାୟ ଅଧିକାଂଶ ମହାନାଳର ଭିନ୍ନଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଭର୍ତ୍ତି ହେଇ ଜାମ ହେଇଯାଇଛି। ଘଣ୍ଟାଏ ଧରି ଯଦି ମୂଷଳ ଧାରାରେ ବର୍ଷା ହେବ, ତାହେଲେ ସହରର ଅଧାଭାଗ ବର୍ଷା ଜଳରେ ଡୁବିବ। ବିଶେଷକରି ପୌରପାଳିକାର ଉଣେଇସ ଓ କୋଡିଏ ନମ୍ବର ୱାର୍ଡର ତେଲଙ୍ଗାସାହି, ଗୁଡିପଦା ଅଞ୍ଚଳର ତଳିଆ ଘର ଗୁଡିକରେ ବର୍ଷା ଜଳ ପଶିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଗୋଟିଏ ପଟେ ଓଟି ରୋଡର ଷ୍ଟେସନ ଛକର ପଶ୍ଚିମ ପାଖ ନାଳ ଗୁଡିକ ଭିନ୍ନଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବାବେଳେ ଅଳିଆ ଆବର୍ଜନା ଭର୍ତ୍ତି ହେଇ ରହିଛି। ଅଧିକ ପରିମାଣରେ ବର୍ଷା ହେଲେ ଏହି ସବୁ ଡ୍ରେନରେ ବର୍ଷା ଜଳ ନିଷ୍କାସିତ ହେଇ ନପାରି ରାସ୍ତା ଉପରେ ବର୍ଷାଜଳର ସୁଅ ଛୁଟିବ। ସେହିଭଳି ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ମାନ୍ୟବର ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତର ମୁଖ୍ୟ ଫାଟକକୁ ଲାଗି ଯାଇଥିବା ଡ୍ରେନକୁ ଦୀର୍ଘବର୍ଷ ଧରି ପୌରପାଳିକା ସଫା କରିନାହିଁ। ଫଳରେ ଦୀର୍ଘ ଦିନଧରି ଡ୍ରେନରେ ଥିବା ଆବର୍ଜନା ସବୁ ପଚିଷଢ଼ି ଯାଇ ନାକଫଟା ଦୁର୍ଗନ୍ଧ ବାହାରୁଛି। ଅଦାଲତର ମୁଖ୍ୟ ଫାଟକକୁ ଲାଗି ଯାଇଥିବା ଡ୍ରେନର ଏଭଳି ଦୁରବସ୍ଥା ଦେଖି ଆଇନଜୀବୀ ଓ ବିଚାର ବିଭାଗର ଅଧିକାରୀଙ୍କ ସମେତ କର୍ମଚାରୀ ଓ ସାଧାରଣ ଲୋକ ମାନେ ନାକ ଟେକୁଛନ୍ତି। ଲଗାଣ ବର୍ଷାହେଲେ ଏହି ନାଳରେ ବର୍ଷା ଜଳ ନିଷ୍କାସିତ ହେଇ ନପାରି ରାସ୍ତା ଉପରେ ଆବର୍ଜନା ପାଣି ପ୍ରବାହିତ ହେଇଥାଏ। ଚଳିତ ବର୍ଷ ମଧ୍ୟ ଏହି ଡ୍ରେନକୁ ପୌରପାଳିକା ସଫା କରି ନଥିବା ଯୋଗୁଁ ପୂର୍ବବର୍ଷ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ଥାନୀୟ ଦୋକାନୀ ପବନ ସାହା କହିଛନ୍ତି। ଏହାବାଦ ଘଣ୍ଟାଏ ଦୁଇଘଣ୍ଟା ଧରି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୯ ଓ ୨୦ ନମ୍ବର ୱାର୍ଡର ତେଲଙ୍ଗାସାହି, ଗୁଡିପଦା ବାସିନ୍ଦାଙ୍କ ଘରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଜମି ରହୁଛି। କାରଣ ଏହି ଦୁଇଟି ୱାର୍ଡର ନିକଟସ୍ଥ ରେଳବାଇର ରେଳଧାରଣା ପାଖରେ ଥିବା ମହାନାଳକୁ ସମ୍ପୃକ୍ତ ବିଭାଗ ପକ୍ଷରୁ ବର୍ଷବର୍ଷ ଧରି ଖନନ କରାଯାଉ ନାହିଁ। ସେଥିପାଇଁ ମହାନାଳ ଦ୍ୱାରା ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ସ୍ଥାନୀୟ ବାସିନ୍ଦା ମାନଙ୍କ ଘରେ ପଶୁଛି। ଏହିଭଳି ପୌରପାଳିକାର ସବୁ ମହାନାଳ ଗୁଡିକ, ଅଳିଆ ଆବର୍ଜନାରେ ଭର୍ତ୍ତିହେଇ ଜାମ ହେଇଯାଇଛି। ଘଣ୍ଟାଏ ଯଦି ମୂଷଳ ଧାରାରେ ବର୍ଷା ହେବ, ତାହେଲେ ମହାନାଳ ଗୁଡିକରେ ବର୍ଷାଜଳ ନିଷ୍କାସିତ ହେଇ ନପାରି ସହରର ତଳିଆ ଅଞ୍ଚଳରେ ଥିବା ଘର ଗୁଡିକରେ ଆବର୍ଜନା ମିଶ୍ରିତ ବର୍ଷା ଜଳ ପଶିବା ସହିତ ସହର ରାସ୍ତା ଓ ଦୋକାନ ବଜାରରେ ବର୍ଷାଜଳର ସୁଅ ଛୁଟିବ ବୋଲି ସଚେତନ ନାଗରିକ ମାନେ କହିଛନ୍ତି। ଏ ବାବଦରେ ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ବାଚନ ପର୍ବ ପାଇଁ ମହାନାଳ ସଫେଇର ବିଳମ୍ବ ହେଇଥିଲା। ଖୁବ୍‌ଶୀଘ୍ର ସଫେଇ କାର୍ଯ୍ୟ ଆରମ୍ଭ ହୋଇଯିବ। ପୌରପାଳିକା ସେଥିପ୍ରତି ତତ୍ପର ରହିଛି। ବର୍ଷା ଆସିବା ପୂର୍ବରୁ ମହାନାଳ ସଫେଇ କାର୍ଯ୍ୟ ଶେଷ କରାଯିବ ବୋଲି ପୌରାଧ୍ୟକ୍ଷା ସାହୁ କହିଛନ୍ତି।

● ବର୍ଷା ଜଳରେ ଉବୁଟୁବୁ ହେବ ଅଧା ସହର

● ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବୁଝାମଣାପତ୍ର ସ୍ୱାକ୍ଷର

## ଉତ୍ତର ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ କରିବାର ପ୍ରୟାସ

ବାଲେଶ୍ୱର, ୭।୬ (ସମିସ): ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥିମାନଙ୍କ ପଠନ ଓ ଗବେଷଣାତ୍ମକ ଉନ୍ନତିକରଣର ଲକ୍ଷ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏକ ବୁଝାମଣାପତ୍ର ସ୍ୱାକ୍ଷର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଆଜି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର



କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସମେତ ବିତ୍ତ ନିୟନ୍ତ୍ରକ କରନ ସୋରେନ, ଆଇ.କିୟୁ.ଏ.ସି (ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କକ୍ଷ)ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ତଥା ସମସ୍ତ ବିଭାଗ ମୁଖ୍ୟଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହାସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳସଚିବ ସହଦେବ ସମଧିଆ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଓ ଆଇ.କିୟୁ.ଏ.ସି (ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କକ୍ଷ)ର ନିର୍ଦ୍ଦେଶକ ପ୍ରଫେସର ହିମା ବିନ୍ଦୁ ପ୍ରମୁଖ ଉପସ୍ଥିତ ହୋଇ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ଏହି ବୁଝାମଣାପତ୍ରର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଦୁଇ ବିଶ୍ୱବିଦ୍ୟାଳୟ ଉତ୍ତର ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ କରିବା ନେଇ ସର୍ବଦା ପ୍ରୟାସ କରିଆସିଛି। ବର୍ତ୍ତମାନ ସମୟରେ ମିଳିତ ଭାବେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରି ଆଗେଇ ଯିବାର ସଂକଳ୍ପ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରର ସଫଳ ରୂପାୟନ କରାଯିବ। ଏଥିସହ ଗବେଷଣାତ୍ମକ ତଥ୍ୟ ଆଦାନପ୍ରଦାନ, ଅନୁଷ୍ଠାନର ପ୍ରଶାସନିକ କାର୍ଯ୍ୟକୁ ସୁଦୃଢ଼ କରିବା, ଗ୍ରାମୀଣ ସ୍ତରର ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ, ପଠନ ସାମଗ୍ରୀ ତଥା ଗବେଷଣାଗାରରେ ଉପଲବ୍ଧ ସୁବିଧାସୁଯୋଗର ବିନିମୟ, ବିଭିନ୍ନ ପାଠ୍ୟକ୍ରମ ସମ୍ପର୍କିତ ବିଶେଷ ବିଷୟଗୁଡ଼ିକରେ ପ୍ରାଧାପକ ମାନଙ୍କ ପାରସ୍ପରିକ ଯୋଗଦାନ ଓ ମୁଖ୍ୟତଃ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସହ ଭାଷା ସାହିତ୍ୟର ବିକାଶ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଧାର କରି ଦୁଇ ଅନୁଷ୍ଠାନ କାର୍ଯ୍ୟ-ପ୍ରଣାଳୀ ପ୍ରସ୍ତୁତ କରିବ ବୋଲି କୁଳପତି ମତପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର (ଆଇ.କିୟୁ.ଏ.ସି) ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କକ୍ଷର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ବୁଝାମଣାପତ୍ରଟି ଉଭୟ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ କରିବା ନେଇ ଉତ୍ସାହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ(ଆଇ.କିୟୁ.ଏ.ସି) ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କକ୍ଷର ସଂଯୋଜକ ଡ. ମିହିର ତନୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଲିଆରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ



ଲଙ୍ଗଳେଶ୍ୱର, ୭।୬ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ନାଇକୁଡ଼ି ପଞ୍ଚାୟତ ଅନ୍ତର୍ଗତ ସିମୁଳି ପାଳ ଗ୍ରାମର ସୃଷ୍ଟିଧର ଜେନା (୬୫)ଙ୍କ ପାଣିରେ ପଡ଼ି ମୃତ୍ୟୁ ଘଟିଛି। ଦିନ ଦ୍ୱିପ୍ରହର ସମୟରେ ସେ ନାଇକୁଡ଼ି ବଜାରକୁ ସାଇକେଲ ଯୋଗେ ଯାଉଥିବା ବେଳେ ରାସ୍ତାରେ ମୁଣ୍ଡ ବୁଲାଇବା ଯୋଗୁଁ ସାଇକଲ ସହିତ ବିଲରେ ଥିବା ଖାଲିଆକୁ ଖସି ପଡ଼ିଥିଲେ। ଖାଲିଆରେ ପାଣି ଥିବା କାରଣରୁ ମୁହଁ ପାଣିରେ ବୁଡ଼ି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ପହଞ୍ଚି ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ବସ୍ତା ହସ୍ପିଟାଲକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଜେପି ନେତା ତଥା ସମାଜସେବୀ ରବୀନ୍ଦ୍ରନାଥ ଅଣ୍ଡିଆ ତାଙ୍କ ବାସଭବନରେ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

# ମିନି ପାର୍କରେ ପଡ଼ିଛି ତାଲା







● ଉଠିଲାଣି ଅନାବନା ଘାସ, ଭାଙ୍ଗିଗଲାଣି ଲାଇଟ୍

ବାଲେଶ୍ୱର, ୭।୬(ସମିସ) : ବାଲେଶ୍ୱର ପୌରାଞ୍ଚଳବାସୀଙ୍କ ସୁବିଧା ପାଇଁ ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନାରେ ପରିସ୍ରାଗାର ଓ ମିନି ପାର୍କ ଆଦି ପ୍ରତିଷ୍ଠା କରାଯାଇଛି। ବିଶେଷ କରି ପୌରପାଳିକା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୭ଟି ୱାର୍ଡ଼ରେ ଏହି ମିନି ପାର୍କ ନିର୍ମାଣ୧ କୋଟି ୧୬ ଲକ୍ଷ ୫୬ ହଜାର ଟଙ୍କାରେ ହୋଇଛି। ଅନ୍ୟପଟେ ପୌରପରିଷଦର ଅବହେଳା କାରଣରୁ କିଛି ମିନି ପାର୍କ ବର୍ତମାନ ସୁଦ୍ଧା ଖୋଲାଯାଇ ପାରୁ ନ ଥିବାବେଳେ ଲୋକେ ଏଥିରୁ ସୁବିଧା ଉଠାଇପାରୁ ନାହାନ୍ତି।

ସୂଚନା ଅନୁସାରେ, ବାଲେଶ୍ୱର ପୌରପରିଷଦରେ ରହିଥିବା ୩୧ଟି ୱାର୍ଡକୁ ଅଧିକ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ମୁକ୍ତା ଯୋଜନାରେ ମିନି ପାର୍କ ନିର୍ମାଣ କରାଯାଇଛି। ବିଶେଷ କରି ବିଭିନ୍ନ ୱାର୍ଡ଼ମାନଙ୍କରେ ଥିବା ପାର୍କ ଗୁଡିକରେ ବ୍ୟାୟମ ପାଇଁ ଜିମର ବ୍ୟବସ୍ଥା କରାଯାଇଥିବା ବେଳେ ଛୋଟ ପିଲାଙ୍କ ପାଇଁ ଝୁଲଣା ଓ ଦୋଳିର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ଯୋଗ ଏବଂ ପ୍ରାଣାୟମ ଅଭ୍ୟାସ କରିବା ପାଇଁ ମଣ୍ଡପ ମଧ୍ୟ ନିର୍ମାଣ କରାଯାଇଛି। ଘାସ ଗାଲିଚା ସାଙ୍ଗକୁ ଆଲୋକ ବ୍ୟବସ୍ଥା ପାର୍କକୁ ଅଧିକ ଆକର୍ଷିତ କରିଥାଏ। ପ୍ରତ୍ୟେକ ଦିନ ସକାଳେ ଏବଂ ସନ୍ଧ୍ୟାରେ ସ୍ଥାନୀୟ ଲୋକେ ପାର୍କ ବୁଲି ମନୋରଞ୍ଜନ କରିବା ସହ ବ୍ୟାୟମ କରିବାର ସୁଯୋଗ ପାଉଛନ୍ତି। ପୂର୍ବରୁ କାଁ ଭାଁ ସହରର ଗୋଟିଏ କି ଦୁଇଟି ସ୍ଥାନରେ ପାର୍କ ଥିବା ବେଳେ ଏବେ ସହରର ଅଧିକାଂଶ ୱାର୍ଡ଼ରେ ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନାରେ ଏହି ମିନି ପାର୍କ ଖୋଲା ଯାଇଛି। ୱାର୍ଡ଼ବାସୀ ଏବେ ନିଜ ନିଜ ଅଞ୍ଚଳରେ ପାର୍କରୁ ସୁବିଧା ପାଇପାରୁଛନ୍ତି। ଅନ୍ୟପଟେ କିଛି ପାର୍କର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ରହୁଥିବାରୁ ଲୋକମାନଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ। ପୌରପ୍ରଶାସନର ଅବହେଳା କାରଣରୁ ତାହା ହେଉଥିବା ଅନୁମାନ କରାଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ସହରର ୧୭ନମ୍ବର ୱାର୍ଡରେ। ସହରବାସୀଙ୍କ ମନୋରଞ୍ଜନ ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନାରେ ସହରର୧୭ନଂ ୱାର୍ଡ଼ରେ ମିନିପାର୍କ ନିର୍ମାଣ ହୋଇଛି। ହେଲେ ମଝିରେ କିଛି ଦିନ ଏହି ପାର୍କକୁ ଖୋଲି ଏହାକୁ ସଫା ସୁତୁରା କରାଯାଇଥିଲା। ଏବେ କିନ୍ତୁ ସେଇ ପୂର୍ବ ଅବସ୍ଥାକୁ ଫେରିଛି। ଏବେ କିନ୍ତୁ ତାହା ଖୋଲା ନ ଯିବା ଫଳରେ ପାର୍କଟି ନଷ୍ଟ ହେବାକୁ ବସିଲାଣି। ଏହାର କାନ୍ଥରେ ପ୍ରକଳ୍ପର ନାମ, ଅଟକଳ ମୂଲ୍ୟ, ସ୍ଥାନୀୟ କାଉନସିଲରଙ୍କ ନାମ, କାର୍ଯ୍ୟ ଆରମ୍ଭ ଏବଂ ଶେଷ ତାରିଖ, ଜେଇ, ପୌରାଧ୍ୟକ୍ଷାଙ୍କ ନାମ ସମ୍ପର୍କରେ ନାଗରିକ ସୂଚନା ଫଳକ ମଧ୍ୟ ଲଗାଯାଇଛି। ସୂଚନା ଫଳକର ତଥ୍ୟ ଅନୁସାରେ, ୧୨ଲକ୍ଷ୨୮ ହଜାର୨୦୬ଟଙ୍କା ବ୍ୟୟ ବରାଦରେ ୨୦୨୨ମସିହା ସେପ୍ଟେମ୍ବର ମାସ ୧୭ ତାରିଖରେ ରାଜା ବଗିଚାରେ ଥିବା ବ୍ରିଟ କଲ୍ୟାଣ ମଣ୍ଡପ ନିକଟରେ ମିନିପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୩ ମସିହା ମାର୍ଚ୍ଚ ୨୩ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପାର୍କ ଭିତରେ ଚେୟାର ପଡ଼ିଥିବା ବେଳେ ଏବଂ ଚାରିପଟକୁ ବଡ ବଡ ଲାଇଟ ବ୍ୟବସ୍ଥା ମଧ୍ୟ ହୋଇଛି। ହେଲେ ଏହି ପାର୍କଟି ଖୋଲା ନ ଯିବା ଫଳରେ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଲାଇଟ ଗୁଡ଼ିକ ଭାଙ୍ଗିରୁଜି ଯାଇଥିବାବେଳେ ଅନାବନା ଗଛ ଭର୍ତ୍ତି ହୋଇ ଗଲାଣି। ପାଚେରୀ ଚାରିପଟେ ଗଛଲତା ମାଡ଼ିଯାଇ ସେଥିରୁ ବିଷଧର ସାପ ବାହାରି ପାଖ କ୍ୱାର୍ଟର ମାନଙ୍କରେ ପଶୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଏହା ଖୋଲା ନହେବାରୁ ପୌରପାଳିକାର କାର୍ଯ୍ୟଦକ୍ଷତାକୁ ନେଇ ଲୋକେ ପ୍ରଶ୍ନ ଉଠାଇବା ସହ ଏହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଲୋକେ ଦାବି କରିଛନ୍ତି।

# ନଡ଼ିଆ ଗଛରେ ଦାଦୁଆ ରୋଗ, ଚିନ୍ତାରେ ଚାଷୀ

ଚୌକି, ୭।୬ (ସମିସ) :

ଭୋଗରାଇ ଏକ କୃଷିପ୍ରଧାନ ବ୍ଲକ। ଏଠାରେ ଲୋକମାନେ ମୁଖ୍ୟତ ଧାନ, ପାନ, ମୀନ ଓ ନଡ଼ିଆ ଉପରେ ନିର୍ଭର କରିଥାଏ। ନଡ଼ିଆ ଚାଷ ପାଇଁ ମଧ୍ୟ ଭୋଗରାଇ ବ୍ଲକରେ ଉଦ୍ୟାନ ବିଭାଗ ଚାଷୀ ମାନଙ୍କୁ ହଜାର ହଜାର ନଡ଼ିଆ ଗଛ ଲଗାଇବାକୁ ଦେଇଥାନ୍ତି। ସେହି ନଡ଼ିଆ ଚାଷରୁ ରୋଜଗାର କରି ଚାଷୀ ମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ନଡିଆ ପତ୍ରରେ ଥିବା ପିଚରେ ବିଭିନ୍ନ ପ୍ରକାର ପୂଜା ସାମଗ୍ରୀ ପ୍ରସ୍ତୁତି କରାଯାଇ ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଇଥାଏ। ଆହୁରି ପିଚରେ ଘର ଓଳାଇବା ପାଇଁ ଖଡ଼ିକା ଆଦି ପ୍ରସ୍ତୁତ କରା ଯାଇ ବିକ୍ରି କରାଯାଏ। ମୁଖ୍ୟତ ନଡିଆ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରକୁ ରପ୍ତାନି କରାଯାଇଥାଏ। ନଡ଼ିଆରେ ତେଲ ଓ ପିଡ଼ିଆ ପ୍ରସ୍ତୁତ କରି ବିଭିନ୍ନ ଦେଶ ଓ ବିଦେଶକୁ ପଠାଯାଇଥାଏ।



ନଡ଼ିଆ ଗଛର ମୁଖ୍ୟତ ପଇଡ଼ରେ ଚାଷୀ ବେଶି ଲାଭବାନ ହୋଇଥାଏ। ଗୋଟିଏ ପଇଡର ମୂଲ୍ୟ ୨୦ରୁ ୩୦ ଟଙ୍କା ବିକ୍ରି କରାଯାଇଥାଏ। ନଡ଼ିଆ ତୁଳନାରେ ପଇଡର ଚାହିଦା ଅଧିକ ରହିଥିବାରୁ ତାହା ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଯାଇଥାଏ। ନଡିଆ କାଠ ଭଣ୍ଡା ଚାପ ପତର ମଧ୍ୟ ଜାଳେଣିରେ ବ୍ୟବହାର କରାଯାଇଥାଏ। ଏବେ ନଡ଼ିଆ ଗଛରେ ପଇଡ଼ ଓ ନଡ଼ିଆ ଆଗଭଳି ଫଳୁନାହି। ଯେଉଁ ପଇଡ ଓ ନଡ଼ିଆ ଫଳୁଛି ତାହା ଦାଦୁଆ ରୋଗରେ ଆକ୍ରାନ୍ତ ହେଉଛି। ନଡ଼ିଆ ଗଛର ପତ୍ର ଶୁଖି ଯାଉଛି। ସେଥିପାଇଁ ଚାଷୀମାନେ ଶହଶହ ହେକ୍ଟର ଜମିରେ ନଡ଼ିଆ ଚାଷ କରି ଏବେ ସର୍ବସ୍ୱାନ୍ତ ହେବାକୁ ବସିଲାଣି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଧୀର ଗିରି, ସୁବଳ ଦାସ, ବିଜୟ ଗିରି, ହରିହର ଗିରି, ସୁଦର୍ଶନ ମଣ୍ଡଳ, ଅନନ୍ତ ଦାସ, ଆଶୁତୋଷ ଦାସମହାପାତ୍ର ଆଦି ବହୁ ସଂଖ୍ୟକ ନଡ଼ିଆ ଚାଷୀ କହିଛନ୍ତି।

## ଡମ୍ଫରକୁ ପିଟିଲା କଣ୍ଟେନର, ଜଣେ ମୃତ



ଜଳେଶ୍ୱର ବ୍ଲକ, ୭।୬ (ସମିସ): ଜଳେଶ୍ୱର ଥାନା ୬୦ ନମ୍ବର ଜାତୀୟ ରାଜପଥ ମଧୁବନ ଢ଼ାବା ସମ୍ମୁଖରେ ଛିଡା ହୋଇଥିବା ଏକ ଡମ୍ଫରକୁ ପଛପଟୁ ଧକ୍କା ଦେଲା କଣ୍ଟେନର। ଏଥିରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ଅଞ୍ଚଳର ଟିଙ୍କୁ ସିଂ (୩୬)। ସକାଳ ଛଅଟା ସମୟରେ ମଧୁବନ ଢ଼ାବା ସମ୍ମୁଖରେ ଡମ୍ଫରଟି ରାସ୍ତା କଡ଼ରେ ଛିଡା ହୋଇଥିବା ବେଳେ ପଛପଟୁ ଖଡ଼ଗପୁରରୁ ବାଲେଶ୍ୱର ଇମାମି ପେପର ମିଲକୁ ଯାଉଥିବା ଏକ କଣ୍ଟେନର ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ତେବେ ସ୍ଥାନୀୟ ଲୋକ ପୁଲିସ ଏବଂ ରାଜପଥ ବିଭାଗର ସହଯୋଗରେ ଡ୍ରାଇଭରକୁ ଗାଡ଼ି ଭିତରୁ ଉଦ୍ଧାର କରାଯାଇ ଜଳେଶ୍ୱର ଜି.କେ.ଭଟ୍ଟର ହସ୍ପିଟାଲକୁ ନିଆ ଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ପୁଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## କଂଗ୍ରେସ କର୍ମୀଙ୍କ ଅକାଳ ବିୟୋଗ

ଜଳେଶ୍ୱର ବ୍ଲକ, ୭।୬ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ପଞ୍ଚାୟତ ଅସ୍ତଡିହା ଗାଁର ସମରେନ୍ଦ୍ର ସାମଲ ଓରଫ୍ କାହ୍ନୁ(୫୧)ଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଛି। ସେ ଗୁରୁବାର ମଧ୍ୟ ରାତ୍ରରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ନିକଟସ୍ଥ



ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆ ଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ତାଙ୍କର ଜମିବାଡ଼ି କିଛି ନ ଥିବା ବେଳେ ଗ୍ରାମରେ ଛୋଟ ପାନ ଦୋକାନ କରି ସେ ପରିବାର ଚଳାଉଥିଲେ। ସେ ଜଣେ ତୃଣମୂଳ ସ୍ତରର କଂଗ୍ରେସ କର୍ମୀ ହୋଇଥିବା ବେଳେ ମୃତ ଶରୀର ପାଖରେ ଦଳୀୟ ଓ ବିଭିନ୍ନ ଦଳର ବହୁ ନେତୃ ସ୍ଥାନୀୟ ଲୋକେ ଉପସ୍ଥିତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଦମୟନ୍ତୀ, ଆତ୍ମୀୟ ସ୍ୱଜନ, ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ଖବରପାଇ ବହୁ କଂଗ୍ରେସ କର୍ମୀ ସହିତ ଅନ୍ୟ ଦଳର ନେତୃବୃନ୍ଦ ଶେଷ ଦର୍ଶନ କରିଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ, ସମିତି ସଭ୍ୟା କାଞ୍ଚନବାଳା ଜେନା, ନିଖିଳ ରଞ୍ଜନ ସେନାପତି, ତପନ ଘୋଷ, ନବୀନ ପରିଡ଼ା, ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ପରିଡ଼ା, ବିଭୁରେନ୍ଦ୍ର ଦେ, ସିପିଏମ ନେତା ଦିଲ୍ଲୀପ ଗିରି, ମଧୁସୁଦନ ମହାନ୍ତି, କୃଷକ ନେତା ସୁଦାମ ଚରଣ ପାତ୍ର, ବନ୍ଧୁ ହେମନ୍ତ କୁମାର ଗିରି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକମାତ୍ର ପୁତ୍ର ଗ୍ରାମ୍ୟ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ସାବିତ୍ରୀ ବ୍ରତ ଅପରାହ୍ନେ ଏପରି ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ତୃତୀୟ ଶ୍ରୀକ୍ଷେତ୍ରରେ ଗଢ଼ା ଚାଲିଛି ରଥ

## ୭ ଅଖରେ ଲାଗିଲା ୧୪ଚକ



ନୀଳଗିରି, ୭।୬(ସମିସ): ଦେବ ସ୍ନାନପୂର୍ଣ୍ଣିମା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ଆଉ ମାତ୍ର ୧ ମାସ ବାକି ରହିଲା। ଠିକ ସେହିଭଳି ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ରଥଯାତ୍ରା ଆସନ୍ତା ଜୁଲାଇ ମାସ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ଆଉ ମାତ୍ର ୧ ମାସ ଏକ ଦିନ ବାକି ରହିଲା। ଏଥିଲାଗି ମୁଖ୍ୟ ମହାରଣା ସତ୍ୟନାରାୟଣ ମହାରଣାଙ୍କ ନେତୃତ୍ୱରେ ତିନି ରଥରେ ୪୨ଟି ଚକ ମଧ୍ୟରୁ ୧୪ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ପରେ ରଙ୍ଗ ଦିଆଯାଇ ୭ଟି ଅଖରେ ୧୪ଟି ଚକ ଲଗା ଯାଇଛି। ଏହି ଦୃଷ୍ଟିରୁ ରଥଖଳା ଏବେ ବେଶ ଚଳଚଞ୍ଚଳ। ତିନି ରଥ ପାଇଁ ୨୧ଟି (୧୪ ଫୁଟିଆ ଲମ୍ବ ଏବଂ ୧୦ ଇଞ୍ଚ ଓସାରର) ଅଖ ମଧ୍ୟରୁ ୧୪ ଗୋଟି ଅଖ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ତା ସହିତ ୧୨ ଜଣ ଭୋଇ ସେବକ ରଥ ନିର୍ମାଣ କାର୍ଯ୍ୟରେ ଦିନ ସଂଖ୍ୟା ନିୟୋଜିତ ଅଛନ୍ତି। ଆବଶ୍ୟକ ଅବଶିଷ୍ଟ ରଥ କାଠ ଗତ ୩ତାରିଖ ଦିନ କରତକଳ ରେ କଟା କାର୍ଯ୍ୟ ସମ୍ପନ୍ନ ହୋଇଛି। ରୂପକାର ମାନେ ଶ୍ରୀନୃସିଂହ, ସୂର୍ଯ୍ୟ ଦେବ, ପାର୍ଶ୍ୱ ଦେବଦେବୀଙ୍କ ଖୋଦେଇ କାମ ଚାଲୁ ରଖିଛନ୍ତି। ରଥରେ ଲାଗୁଥିବା ଲୁହା କଣ୍ଟା ଓ ବଳା କମାର ଶାଳରେ ତିଆରି କାମ ଏକ ପ୍ରକାର ସରିଥିବା ମୁଖ୍ୟ ମହାରଣା କହିଛନ୍ତି।

## ବେଆଇନ ବାଲି ଡିପୋରେ ଚଢ଼ଉ

● ଲକ୍ଷାଧିକ ଟଙ୍କା ଜରିମାନା ଓ ଅନ୍ୟଟି ନିଲାମ



ଜଳେଶ୍ୱର ବ୍ଲକ, ୭।୬ (ସମିସ): ଜିଲ୍ଲା ଖଣି ବିଭାଗ ଓ ଜଳେଶ୍ୱର ପୁଲିସ ପକ୍ଷରୁ ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦ ନଗର ପାଟଣା ପଞ୍ଚାୟତର ବେଲପାଳଠାରେ ଚୋରା ବାଲି ଗଚ୍ଛିତ ସ୍ଥାନରେ ଚଢ଼ଉ କରାଯାଇଥିଲା। ସୂଚନା ଅନୁଯାୟୀ ଜଳେଶ୍ୱର ଥାନା ଅଧିନସ୍ଥ ମହମ୍ମଦ ନଗର ପାଟଣା ପଞ୍ଚାୟତର ବେଲପାଳ ନିକଟରେ ସୁବର୍ଣ୍ଣରେଖା ନଦୀରୁ ଚୋରାରେ ବାଲି ଆଣି ଗଚ୍ଛିତ ରଖାଯାଇ ବେପାର କରା ଯାଉଥିବାର ବାରମ୍ବାର ଅଭିଯୋଗ ପରେ ଶୁକ୍ରବାର ଖଣି ବିଭାଗ ଓ ଜଳେଶ୍ୱର ଥାନା ପକ୍ଷରୁ ଦିନ ଏଗାରଟା ସମୟରେ ମାଇନିଙ୍ଗ ଅଧିକାରୀ ସନ୍ତୋଷୀ ପ୍ରଭା ସେଠୀ ଏବଂ ଜଳେଶ୍ୱର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ଦ୍ୱାରା ମିଳିତ ଚଢ଼ଉ କରାଯାଇଥିଲା। ଏହି ସମୟରେ ଦୁଇଟି ସ୍ଥାନରେ ବାଲି ଗଚ୍ଛିତ ଥିବା ବେଳେ ବେଲପାଳ ଗ୍ରାମର ଅର୍ଜୁନ ବାସ୍କେଙ୍କ ବାଡ଼ିରେ ଗଚ୍ଛିତ ଥିବା ୩୨୦୦ କ୍ୟୁବିକ ବାଲି ୮, ୩୨, ୦୦୦ (ଆଠ ଲକ୍ଷ ବତିଶି ହଜାର) ଟଙ୍କାର ଜରିମାନା କରାଯାଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ଗଚ୍ଛିତ ଥିବା ୨୮୦୦ କ୍ୟୁବିକ ବାଲିକୁ ୭, ୧୦, ୦୦୦ (ସାତ ଲକ୍ଷ ଦଶ ହଜାର) ଟଙ୍କାରେ ନିଲାମ କରାଯାଇଛି। ନିଲାମଧାରୀ ହେଲେ ପାଟଣା ଗ୍ରାମର ସପନ ବାରିକ। ବେଆଇନ ଭାବେ ଅନେକ ସ୍ଥାନରେ ବାଲି ଖାଦାନ ସହ ଗଚ୍ଛିତ ବାଲି ରଖାଯାଇ ବେପାର ଚାଲିଥିବା ନେଇ ବାରମ୍ବାର ଜିଲ୍ଲା ଖଣି ବିଭାଗ ପାଖରେ ଅଭିଯୋଗ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବେଳେ ଆଜି ହଠାତ୍ ଖଣି ବିଭାଗର ପରିଦର୍ଶନକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ମିଥ୍ୟା ମାମଲାରେ ଗିରଫଦାରୀକୁ ଗ୍ରାମବାସୀଙ୍କ ବିରୋଧ

ଜଳେଶ୍ୱର ବ୍ଲକ, ୭।୬ (ସମିସ): ଫାଣ୍ଡି ଅଧିକାରୀଙ୍କ ମିଥ୍ୟା କେଶ ସହ ଗିରଫ ପ୍ରତିବାଦରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅନ୍ତର୍ଗତ ପଶ୍ଚିମବାର୍ଡ଼ ଗ୍ରାମର ମୁସଲିମ ବସ୍ତିରେ ଦୀର୍ଘ ଦିନ ଧରି ଦୁଇ ପରିବାର ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା। ଘଟଣାକୁ ନେଇ ବାରମ୍ବାର ଥାନାରେ ବିଚାର ବିମର୍ଷ ହୋଇଥିବା ବେଳେ ଆସନ୍ତା ୧୦ ତାରିଖ ଉଭୟ ପକ୍ଷଙ୍କ ଉପସ୍ଥିତିରେ ମାପ କରାଯାଇ ଜାଗା ଚିହ୍ନଟ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ତେବେ ଗତ ତିନି ତାରିଖ ଦିନ ସକାଳ ସମୟରେ ଗ୍ରାମର ରେସମି ବିବି ତାଙ୍କ ବାଡ଼ିରେ ମିସ୍ତ୍ରି ଲଗାଇ କାମ କରୁଥିବା ସମୟରେ ପ୍ରତିପକ୍ଷ ସେକ କୁନା ଏବଂ ତାଙ୍କର ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ତେବେ ବିରୋଧର କୌଣସି ପ୍ରଭାବ ନ ପଡ଼ିବାରୁ କୁନା ଗ୍ରାମ ମୁଖିଆକୁ ଜଣାଇ ଥାନାକୁ ଯାଇଥିଲେ। ଇତିମଧ୍ୟରେ ରେସମି ବିବି କାମ କରୁଥିବା ମିସ୍ତ୍ରିଙ୍କ ପାଇଁ ପାଣି ଡ୍ରମ ଆଣିବାକୁ ଗ୍ରାମରେ ଥିବା ନିଜର ବନ୍ଧୁ ଘର ଛାତ ଉପରକୁ ଯାଇଥିଲେ। ଡ୍ରମ ଆଣୁଥିବା ଅବସ୍ଥାରେ ଛାତରୁ ତଳେ ପଡ଼ି ଯାଇଥିଲେ। ତେବେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପଶ୍ଚିମବାର୍ଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ତେବେ ଏହି ଦୁର୍ଘଟଣାକୁ ନେଇ ଆକ୍ରମଣ କରା ଯାଇଥିବା ନାମ୍ପୋ ଫାଣ୍ଡିରେ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ତଦନ୍ତ କରିବାକୁ ଆସି କୁନାଙ୍କ ପରିବାର ସଦସ୍ୟଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ପଡୋଶୀ ମାନଙ୍କର କୌଣସି କଥା ଶୁଣି ନ ଥିଲେ ଏବଂ ଥାନାକୁ ଯାଇଥିବା ସେକ କୁନାକୁ ରାସ୍ତାରୁ ଉଠାଇ ନେଇ କୋର୍ଟ ପଠାଇଛନ୍ତି। ଏଣେ କୁନା ଗିରଫ ହେବା ପରେ କୁନାର ପୁତ୍ର ଭୟରେ କୁଆଡ଼େ ଚାଲି ଯାଇଥିବା ବେଳେ କୌଣସି ଖବର ମିଳି ପାରିନାହିଁ। ଯାହାକୁ ନେଇ ନାମ୍ପୋ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିବା ବେଳେ ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ମୋହନ ପ୍ରଧାନଙ୍କ ଟାଳଟୁଳ ନୀତିକୁ ନେଇ ପରିବାର ବର୍ଗ ଏବଂ ଗ୍ରାମବାସୀଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ କରାଯାଇ ନ୍ୟାୟ ଭିକ୍ଷା କରାଯାଇଛି। ଏ ସମ୍ପର୍କରେ ପଶ୍ଚିମବାଡ଼ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ସୁଜୟ କୁମାର ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଉକ୍ତ ତିନି ତାରିଖ ଘଟଣାର ଉକ୍ତ ମହିଳା ଜଣକ ସିଡିରୁ ପଡ଼ି ଗୁରୁତର ହୋଇଥିଲେ ବୋଲି ପ୍ରଥମେ ଆସି ମତେ କହିଥିଲେ ଏବଂ ମୁଁ ମଧ୍ୟ ପ୍ରାଥମିକ ଚିକିତ୍ସା କରି ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ପଠାଇ ଦେଇଥିଲି। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ଆଘାତ କରାଯାଇ ନାହିଁ। ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ମୋହନ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଚାର୍ଜସିଟ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସେକ କଫିରୁଦ୍ଦିନ, ରୁକସାନା ବିବି, ଇମୁ ଶାହା, ସେକ ମଇମୁଦ୍ଦିନ, ଶିବ ଜେନା, ବେଲାଲ ଅଲ୍ଲୀ ଶାହା, ସେକ ଅବଦୁଲ କଲାମ, ଲୈଲା ବିବି, ହରେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳଗିରି ଦୋକାନୀ ସଂଘ ପକ୍ଷରୁ ବିଧାୟକଙ୍କୁ ଶୁଭେଚ୍ଛା



ନୀଳଗିରି, ୭।୬ (ସମିସ): ଆଜି ନୀଳଗିରି ମହାବୀର ଦୋକାନୀ ସଂଘ ପକ୍ଷରୁ ନୀଳଗିରି ବିଧାନସଭା ଆସନରୁ ଜିତିଥିବା ବିଧାୟକ ସନ୍ତୋଷ ଖଟୁଆଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜଡ଼ିବାଲି ସ୍ଥିତ ତାଙ୍କ ଫାର୍ମ ହାଉସରେ ସକାଳ ସମୟରେ ପହଞ୍ଚି ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ଦୋକାନୀ ବନ୍ଧୁ ମାନଙ୍କର ପକ୍କା ଘର ଖଣ୍ଡିଏ ନଥିବାରୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଯାହା ଫଳରେ ଆଗକୁ ବର୍ଷା ଦିନ ଆସୁଥିବାରୁ ଜୀବିକା ଏକପ୍ରକାର ଠପ ହୋଇଯିବାର ଆଶଙ୍କା ଦେଖା ଦେଇଛି। ପ୍ରଶାସନ ଯଦି ଘର ଖଣ୍ଡେ ନିର୍ମାଣ କରି ଦିଅନ୍ତେ ଅନ୍ତତଃ ପକ୍ଷେ ଚଳି ପାରନ୍ତେ ବୋଲି କହିଥିଲେ। ସମାଧାନ ପାଇଁ ଚେଷ୍ଟା କରିବାର ପ୍ରତିଶୃତି ଦେବା ସହିତ ବିଧାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ବ୍ରଜ କିଶୋର ପାଣି, ସମ୍ପାଦକ ସତ୍ୟନାରାୟଣ ଦଳେଇ, ନିଲୁ ବିଶ୍ୱାଳ, ବିଦ୍ୟାଧର ଦାସ, ମଞ୍ଜୁଲତା ମହାନ୍ତି, ଭାଗିରଥି ବିଶ୍ୱାଳ ପ୍ରମୁଖ ଦୋକାନୀ ଉପସ୍ଥିତ ଥିଲେ।

## ସମସ୍ୟା ଘେରରେ କମର୍ଦ୍ଦା ଡାକ୍ତରଖାନା

କମର୍ଦ୍ଦା, ୭।୬(ସମିସ):

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ବହୁ ସମସ୍ୟା ନେଇ ଗତି କରୁଛି। ଗୋଟଏ ପଟେ ଏଠାରୁ ଡାକ୍ତର, ଫାର୍ମାସିଷ୍ଟ, ଅନ୍ୟ କର୍ମଚାରୀମାନଙ୍କୁ ଡେପୁଟେସନରେ ନିଆ ଯାଇଥିବାବେଳେ ଅନ୍ୟ ପକ୍ଷରେ ବିଦ୍ୟୁତ ଚାଲିଗଲେ ଟର୍ଚ୍ଚ ଆଲୁଅରେ ଚାଲେ ସେବା। ବାଲେଶ୍ୱର ଜିଲ୍ଲାରେ ୬ଟି ଡାକ୍ତରଖାନାକୁ ରୂପାନ୍ତରିତ କରି ଦିବା ରାତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ଚେଷ୍ଟା କରୁଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗ ମନ ମୁଖୀ କାର୍ଯ୍ୟକୁ ଭୋଗରାଇ ବାସୀ ନିନ୍ଦା କରିଛନ୍ତି। କମର୍ଦ୍ଦା ଡାକ୍ତରଖାନାରେ



ବିଭିନ୍ନ ପ୍ରକାର ବିଶେଷଜ୍ଞ ଡାକ୍ତର ପଦବୀ ରହିଥିଲା ବେଳେ ଆଜି ତାହା ପୂରଣ ହୋଇନାହିଁ। ୮ଟି ଏମବିବିଏସ ଡାକ୍ତର ପଦବୀ ରହିଥିଲା ବେଳେ ଅଛନ୍ତି ମାତ୍ର ୪ଜଣ। ସେଥିରୁ ଆଜିକୁ ୧ମାସ ହେବ ୨ଜଣଙ୍କୁ ଡେପୁଟେସନରେ ପଠାଯାଇଛି। ଏହି ଡାକ୍ତରଖାନାରେ ଦୈନିକ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ବର୍ହିବିଭାଗରେ ଚିକିତ୍ସା ହେଉଥିଲା ବେଳେ ୨୦ରୁ ଅଧିକ ରୋଗୀ ଅନ୍ତଃବିଭାଗରେ ରହି ଚିକିତ୍ସିତ ହେଉଛନ୍ତି। ଏହି ଡାକ୍ତରଖାନାଟି ଉତ୍ତର ଭୋଗରାଇର ପାଖାପାଖି ଦେଢ଼ ଲକ୍ଷ ଲୋକଙ୍କ ଭରସା ସହିତ ବାଲିଆପାଳ, ଦକ୍ଷିଣ ଭୋଗରାଇ, ପଶ୍ଚିମ ବଙ୍ଗର କିଛି ଅଞ୍ଚଳ ନିର୍ଭର କରୁଛି। ଅନ୍ୟପକ୍ଷରେ ଜଳେଶ୍ୱର ଡାକ୍ତରଖାନାରେ ୯ଜଣ ଡାକ୍ତର ରହିଛନ୍ତି। ଆସନ୍ତା ୩ ଦିନ ଭିତରେ କମର୍ଦ୍ଦା ଡାକ୍ତରଖାନାରୁ ଡେପୁଟେସନରେ ଯାଇଥିବା ଦୁଇ ଜଣ ଡାକ୍ତରଙ୍କୁ ଫେରଇ ନ ଦେଲେ ଗ୍ରାମବାସୀ ଡାକ୍ତରଖାନା ସମ୍ମୁଖ ସହିତ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରିବେ ବୋଲି ବିଜେପି ନେତା ଜ୍ଞାନରଥୀ ଦାସ, ଅମୀର କୁମାର ଦତ୍ତ, ସରପଞ୍ଚ ଉମାକାନ୍ତ ଦାସ, ପୁଲିନ ପରିଡ଼ା, ଦିବ୍ୟଚନ୍ଦନ ଦାସ, ସୁପ୍ରିୟ ପରିଡ଼ା, ରବୀନ୍ଦ୍ର କୁମାର ସାହୁ, ହରିଶ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ହାତୀ ଆକ୍ରମଣରେ ମହିଳା ଆହତ

କରଞ୍ଜିଆ, ୭।୬(ସମିସ): ଶୁକ୍ରବାର ମଧ୍ୟାହ୍ନ ୧ ବେଳେ କରଞ୍ଜିଆ ବନ ଖଣ୍ଡ ଅଧୀନ କଦାଡ଼ିହା ସେକସନର ସୁନାପୋଷି ଗ୍ରାମ କାଜୁ ଜଙ୍ଗଲ ଠାରେ ଏକ ୪ ଟିକିଆ ହାତୀ ଦଳର ସମ୍ମୁଖୀନ ହୋଇ ଜଣେ ମହିଳା ଆହତ ହୋଇଛନ୍ତି। ସୌଭାଗ୍ୟକୁ ମହିଳାଙ୍କ ଝିଅ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ଆହତ ମହିଳା ପଦ୍ମାବତୀ ନାୟକଙ୍କୁ ପ୍ରଥମେ କରଞ୍ଜିଆ ଡାକ୍ତରଖାନା ଓ ପରେ କେନ୍ଦୁଝରର ଡାକ୍ତଖାନାକୁ ପଠାଯାଇଛି। ସୂଚନାନୁଯାୟୀ, ସୁନାପୋଷି ଗ୍ରାମର ପଦ୍ମାବତୀ ନାୟକ ଓ ତା ଝିଅ ନିକଟ କାଜୁ ତୋଳିବା ପାଇଁ କାଜୁ ଜଙ୍ଗଲ ଯାଇଥିଲେ। କାଜୁ ଜଙ୍ଗଲ ନିକଟରେ ସଂରକ୍ଷିତ ଜଙ୍ଗଲ ମଧ୍ୟ ଅଛି ହେଲେ; ଏହିସମୟରେ ୪ଟି ଜଙ୍ଗଲୀ ହାତୀ ଆଗରେ ସାମ୍ନା ସାମନି ହୋଇଥିଲେ। ୩ଟି ହାତୀ ମାଡ଼ି ଆସିବାରୁ ମା ଓ ଝିଅ ଦୌଡିବାକୁ ଲାଗିଲେ। ଗୋଟିଏ ହାତୀ ମା'ଙ୍କୁ ଆକ୍ରମଣ କରିବାରୁ ତଳେ ପଡ଼ିଯାଇଥିଲା। ପରେ ମା' ଓ ଝିଅଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣାଯାଇଥିଲା। ପରେ ବନ ବିଭାଗ ଖବର ପାଇଁ ପଦ୍ମାବତୀଙ୍କ ଚିକିତ୍ସା ପାଇଁ କରଞ୍ଜିଆ ଡାକ୍ତରଖାନା ଆଣିବା ସହ ୫ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଅପରିଚିତ ମହିଳା ଗୁରୁତର



ବେତନଟୀ, ୭।୬(ସମିସ): ୧୮ନଂ ଜାତୀୟରାଜପଥ ତୁଳସୀଚଉରା ଢ଼ାବା ନିକଟରେ ଶୁକ୍ରବାର ରାତି ୮ଟା ସମୟରେ ଏକ ଦ୍ରୁତଗାମୀ ପିକଅପ ଭ୍ୟାନ ଧକ୍କାରେ ଜନୈକା ଅପରିଚିତ ମହିଳା ଗୁରୁତର ଆହତ ହୋଇଛନ୍ତି। ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ଗୁରୁତର ଅପରିଚିତ ମହିଳାଙ୍କୁ ଉଦ୍ଧାରକରି ସ୍ଥାନୀୟ ଲୋକେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତର ମହିଳାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଧକ୍କାଦେଇ ଚମ୍ପଟ ମାରିଥିବା ପିକଅପ ଭ୍ୟାନକୁ ଧରିବାକୁ ତଥା ଗୁରୁତର ଅପରିଚିତ ମହିଳାଙ୍କ ପରିଚୟ ପାଇବାକୁ ଉଦ୍ୟମ ଆରମ୍ଭ କରିଛି ପୁଲିସ।

## ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



ବିଶୋଇ, ୭।୬(ସମିସ): ଡାକ୍ତରୀ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଚଳିତବର୍ଷ ଏନଟିଏ ଦ୍ୱାରା ଆୟୋଜିତ ନିଟ୍ ୟୁଜି ପରୀକ୍ଷାରେ ପ୍ରିୟଙ୍କା ପ୍ରୀତିପର୍ଣ୍ଣା ରାଉତ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ଉକ୍ତ ପ୍ରବେଶିକା ପରୀକ୍ଷାରେ ୭୨୦ରୁ ୬୯୫ ମାର୍କ ରଖି ସର୍ବଭାରତୀୟସ୍ତରରେ ୩୦୩୫ ର୍‍ୟାଙ୍କ ରଖି ଏହି ସଫଳତା ପାଇଛନ୍ତି। ପ୍ରିୟଙ୍କାପ୍ରୀତିପର୍ଣ୍ଣା କେନ୍ଦୁଝରର ସରସ୍ୱତୀ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ଏବଂ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୯୨ ପ୍ରତିଶତ ମାର୍କ ରଖି ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ପିଲାବେଳୁ ଭଲ ପାଠ ପଢ଼ିବା ସହ ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ପ୍ରିୟଙ୍କା ଲକ୍ଷ୍ୟ ରଖିଥିଲେ। ତେଣୁ ସେ ଯାଜପୁର ରୋଡ୍ ସ୍ଥିତ ଏକ ଘରୋଇ କୋଚିଂ ଅନୁଷ୍ଠାନରେ ଅଧ୍ୟୟନ କରି ସେ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ପ୍ରିୟଙ୍କା ପ୍ରତିଦିନ ପ୍ରାୟ ୧୫ ଘଣ୍ଟା କଠିନ ପରିଶ୍ରମ କରିବା ସହିତ କୋଚିଂ ସେଣ୍ଟରର ଶିକ୍ଷୟିତ୍ରୀଙ୍କ ଉଚ୍ଚମାନର ପାଠପଢ଼ା ଯୋଗୁଁ ଏହି ସଫଳତା ପାଇଥିବାର ସେ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ରୋଗୀସେବାରେ ଉତ୍ସର୍ଗୀକୃତ ହେବେ ବୋଲି ପ୍ରିୟଙ୍କା କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ କୋଚିଂ ସେଣ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରିୟଙ୍କାଙ୍କ ପିତା କିଶୋର ଚନ୍ଦ୍ର ରାଉତ ବାଲୁଣିଆ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଥିବାବେଳେ ମାତା ଜ୍ୟୋତିର୍ମୟୀ ଜଣେ ଗୃହଣୀ ଅଟନ୍ତି।

### କାଳବୈଶାଖୀ ତାଣ୍ଡବ

# ଭାଙ୍ଗିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ



ଉଦଳା, ୭।୬(ସମିସ): ଶୁକ୍ରବାର ଅପରାହ୍ଣରେ ଉଦଳା ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ମଧ୍ୟାହ୍ନ ପରେ ହଠାତ ପାଗ ପରିବର୍ତ୍ତନ ହୋଇ ମେଘାଚ୍ଛନ୍ନ ହୋଇଥିଲା। ବିଜୁଳି ଘଡ ଘଡ଼ି ସହ ବର୍ଷା ଓ ତା ସାଙ୍ଗକୁ ପବନ ବହୁଥିଲା। ତେବେ ଅଚାନକ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। କେଉଁଠି ଗଛ ଗଡ଼ିଥିଲା ତ କେଉଁଠି ଡାଳ ଉଡ଼ିଆସି ଠେଲା ଉପରେ ପଡ଼ିଥିଲା। ଏମିତି ଅନେକେ ସ୍ଥାନରେ ଦେଖିବାକୁ ମିଳିଥିଲା। ଉଦଳା ଥାନା ଛକ, ୧୨ ନଂ ୱାର୍ଡ, ୪ ନଂ ୱାର୍ଡ ଟାଉନ କ୍ଲବ ନିକଟରେ ଛପର ଉଡ଼ିବା, ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଥିଲା।

ତେବେ ବର୍ଷା ଓ ପବନ କମିବା ପରେ ଅଗ୍ନିଶମ ବିଭାଗ ଡାଳ ଓ ଗଛ ସଫା କରିବା ସହ ରାସ୍ତାଘାଟ ସ୍ୱାଭାବିକ କରିଥିଲେ। ତେବେ ବହୁ ସ୍ଥାନରେ ବିଦ୍ୟୁତ ତାର ଓ ଖୁଣ୍ଟ ଭାଙ୍ଗି ପଡ଼ିବା ନେଇ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଥିବାର ଦେଖିବାକୁ ମିଳିଥିଲା ତେବେ ଦିନ ୩ଟା ଠାରୁ ବିଦ୍ୟୁତ ସେବା ଠପ ହୋଇପଡ଼ିଛି। ରାତି ୮ ଟା ସୁଦ୍ଧା କିଛି ଅଞ୍ଚଳରେ ବିଦ୍ୟୁତ ସେବା ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

## ଗାଁମୁହାଁ ୨୭ ଟିକିଆ ହାତୀପଲ



କରଞ୍ଜିଆ, ୭।୬(ସମିସ): ଏବେ ଗାଁ ମୁହଁ ବଣୁଆହାତୀ। ଶୁକ୍ରବାର ସକାଳୁ ସକାଳୁ ଚମ୍ପୁଆ ରେଞ୍ଜରୁ ବୈତରଣୀ ନଦୀ ପାର ହୋଇ ଏକ ୨୭ ଟିକିଆ ହାତୀପଲ କଙ୍କଡା ଗ୍ରାମ ଦେଇ ମୟୂରଭଞ୍ଜ ପ୍ରବେଶ କରିଥିଲେ। ଏହି ହାତୀପଲ ଏକ ଲାଇନରେ ଆସୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ କରଞ୍ଜିଆ ଡିଏଫ୍ଓ ଦାୟିତ୍ୱରେ ଥିବା ସାଇକିରଣ ଡି ଏନ୍, କରଞ୍ଜିଆ ଏସିଏଫ୍ ମଦନ ମୋହନ ମହାନ୍ତ, ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ, କରଞ୍ଜିଆ ଫରେଷ୍ଟର, ସିଙ୍ଗଡ଼ା ଫରେଷ୍ଟର ଦିପ୍ତିମୟୀ ସେଠୀ ପ୍ରମୁଖ ପହଞ୍ଚି ଥିଲେ। ହାତୀ ଓ ମନୁଷ୍ୟ ଉଭୟ କିପରି ସୁରକ୍ଷିତ ରହିବେ ଚେଷ୍ଟାକରି ଡ଼ାକବାଜି ଯନ୍ତ୍ରରେ ଲୋକମାନଙ୍କୁ ସତର୍କ ରହିବାକୁ ସଚେତନ କରାଇବା ସହିତ ହାତୀଙ୍କ ଗତିବିଧି ଉପରେ ଅନୁଧ୍ୟାନ କହୁଥିଲେ। ବର୍ତ୍ତମାନ ଏହି ହାତୀପଲ ହଳଦିଆ ଜଙ୍ଗଲରେ ଥିବା ସୂଚନା ଦେଇଛନ୍ତି କରଞ୍ଜିଆ ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ।

## ବଜ୍ରପାତରେ ୩ ଗୋରୁ ମୃତ



କୁଆମରା, ୭।୬(ସମିସ): ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଶୁକ୍ରବାର ଅପରାହ୍ଣରେ କାଳବୈଶାଖୀର ତାଣ୍ଡବ ଯୋଗୁଁ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଅପରାହ୍ଣ ୩ଟାରେ କଳା ହାଣ୍ଡିଆ ମେଘ ଘୋଟି ଆସିବା ସହ ୬୦ରୁ ୭୦ କିଲୋମିଟର ବେଗରେ ପବନ ବହିବାରୁ ବାଡ଼ି ବଗିଚା ଓ ରାସ୍ତାଘାଟ ମାନଙ୍କରେ ଗଛ ଭାଙ୍ଗି ପଡ଼ିଛି। ବିଭିନ୍ନ ସ୍ଥାନରେ ରାସ୍ତାରେ ଗଛ ପଡ଼ିବାରୁ ଯାତାୟାତରେ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପରେ ଗଛ ଗଡ଼ି ପଡ଼ିବା ଯୋଗୁଁ ଖୁଣ୍ଟଗୁଡ଼ିକ ନଷ୍ଟ ହୋଇଛି। ଫଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଗୋପବନ୍ଧୁ ନଗର ବ୍ଲକ ପରିସରରେ ଏକ ଗଛ ପଡ଼ି ଘରର କ୍ଷତି ଘଟାଇଛି। ବିଭିନ୍ନ ରିଜର୍ଭ ଜଙ୍ଗଲରେ ପଟାସ୍, ଆକାଶିଆ, ଶାଗୁଆନ ପ୍ରଭୃତି ଗଛ ଧରାଶାୟୀ ହୋଇପଡ଼ିଛି। ତତ୍ ସହିତ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମରେ ବାଙ୍କୁ ସିଂଙ୍କର ୩ଟି ଗୋରୁ ନିକଟସ୍ଥ ପଡ଼ିଆରେ ଚରୁ ଥିବାବେଳେ ବଜ୍ରପାତ ଘଟିଥିଲା। ଫଳରେ ଘଟଣାସ୍ଥଳରେ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ ଗୋରୁ ମଧ୍ୟରୁ ଦୁଇଟି ବଳଦ ଥିବା ବେଳେ ଗୋଟିଏ ବାଛୁରୀ ରହିଛି। ସେହିପରି ସାଇଁକୁଳା ହାଇସ୍କୁଲ ନିକଟରେ ଏକ ଦୋକାନ ଉପରେ ଗଛ ପଡ଼ି ରହିଛି।

# ବିଭିନ୍ନ ସ୍ଥାନରେ ସାନ୍ତାଳୀ ଅଲ୍‌ଚିକି ପରୀକ୍ଷା



ରାଇରଙ୍ଗପୁର, ୭।୬(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମକାଳୀନ ସାନ୍ତାଳୀ ଅଲଚିକି ଲିପିରେ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷା ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ, ରାଇରଙ୍ଗପୁର (ଆସେକା) ଆନୁକୂଲ୍ୟରେ ପରିଚାଳନା ହେଉଅଛି। ଏହି ପରୀକ୍ଷାରେ ସାର୍ନା ଓଲ ଇତୁନ ଆସଲା ବାଘିଆ ଟାଙ୍ଗର ଛାତ୍ରଛାତ୍ରୀ ବିଜାତଳା ସରକାରୀ ଆଦିବାସୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମୋଟ ୨୫୦ରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ପରିଚାଳନାରେ ସାର୍ନା ଅଲ୍ ଇତୁନ୍ ଆଶ୍ଲା ବଘିଆ ଟାଙ୍ଗରର ସୁମିତ୍ରା ଟୁଡୁ, ଜୁଗୁରକ୍ଷମ୍ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

**ବଡ଼ଡାଲିମା/ତିରିଙ୍ଗ**, ୭।୬(ସମିସ): ତିରିଙ୍ଗ ବ୍ଲକ ବଡ଼ଡାଲିମା ପାର୍ବତୀ ବାଳିକା ଉଚ୍ଚବିଦ୍ୟାଳୟରେ ବୋର୍ଡ ଅଫ ସାନ୍ତାଳୀ ଏଜୁକେଶନ (ଅଲଚିକି)ର ଏକ ସଫଳ ଶିକ୍ଷା ଅନୁଷ୍ଠାନ ଧରମଡିହିର ବିଦୁ ଚାନ୍ଦାନ ଅଲଇତୁନ ଆଷ୍ଲା ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଠାରୁ ପରୀକ୍ଷା ଆରମ୍ଭ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ଲକ୍ଷ୍ମଣ ମାରାଣ୍ଡିଙ୍କ ଅଧକ୍ଷତାରେ ପରୀକ୍ଷା ଆରମ୍ଭ ହୋଇଥିଲା। ଶହେରୁ ଊର୍ଦ୍ଧ୍ୱ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ନବ ବିଧାୟକ ଯୋଗଦେଇ ଅଭିଭାଷଣ ମାଧ୍ୟମରେ ତାଙ୍କ ମନବଳକୁ ସୁଦୃଢ଼ କରି



ପରୀକ୍ଷାରେ କୃତକାର୍ଯ୍ୟ ହେବାର ଶୁଭମନାସି ଥିଲେ। ପରୀକ୍ଷା କେନ୍ଦ୍ରକୁ ଶାନ୍ତି ଶୃଙ୍ଖଳାରେ ପରିଚାଳନା ପାଇଁ ପ୍ରଧାନଶିକ୍ଷକ ଲକ୍ଷ୍ମଣ ମାରାଣ୍ଡି, ଧରମଡିହି ଆସେକା ସଂଯୋଜକ ହରିଶ ଚନ୍ଦ୍ର ମାରାଣ୍ଡି, ସହଶିକ୍ଷକ କର ବାସ୍କେ, ଫାଗୁରାମ ମାରାଣ୍ଡି, ହିନ୍ଦୁରାୟ ସୋରେନ, ମଧୁସୂଦନ ମାରାଣ୍ଡି, ଛୋଟରାୟ ଟୁଡୁ, କୁମାରୀ ଦୁଲାରି ହାଁସଦା, ଫୁଲମଣି ହେମ୍ବ୍ରମ୍ ଉପସ୍ଥିତ ଥିଲେ।

**ବିଶୋଇ**: ଆସେକା ରାଇରଙ୍ଗପୁର ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ୨୦୨୪ ଶିକ୍ଷା ବର୍ଷରେ ବିଶୋଇ ବ୍ଲକ ଅନ୍ତର୍ଗତ ମଣଦା ସ୍ଥିତ ବାଙ୍କୀପିଲ ଅଲଇତୁନ ଆସଲା ଠାରେ ଶୁକ୍ରବାର ଅଲଚିକି ପରୀକ୍ଷା ଆରମ୍ଭ ହୋଇଯାଇଛି। ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ଶ୍ରେଣୀରେ ତଥା ପ୍ରାଥମିକ ଶିକ୍ଷା ପାଇଁ ୧୩୫ ଜଣ, ଉଚ୍ଚପ୍ରାଥମିକ ଶିକ୍ଷା ପାଇଁ ୭୧ ଜଣ, ମ୍ୟାଟ୍ରିକ ଶିକ୍ଷା ପାଇଁ ୫୨ ଜଣ, ଯୁକ୍ତ ୨ ଶିକ୍ଷା ପାଇଁ ୨୮ ଜଣ, ଯୁକ୍ତ ୩ ଶିକ୍ଷା ପାଇଁ ୧୩ ଜଣ, ପିଜି ଶିକ୍ଷା ପାଇଁ ୬ ଜଣ ଏହିପରି ସମୁଦାୟ ୩୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ଅଧିକ ଥିଲା। ଏଥିରେ ଆସେକା ବୋର୍ଡର ସଭାପତି ପରମେଶ୍ୱର ହେମ୍ବ୍ରମ, ପ୍ରଧାନଶିକ୍ଷକ ଦୁର୍ଗାଚରଣ କିସ୍କୁ, ସହକାରୀ ଶିକ୍ଷକ ରାଜମାଲ ମୁର୍ମୁ, ଜଗେନ କିସ୍କୁ, ସାଉନା ହାଁସଦା, ସନାମଣି ଟୁଡୁ, ଫୁଲମଣି ହାଁସଦା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପାରାଉ ହାଁସଦାଙ୍କ ଉପସ୍ଥିତିରେ ପରୀକ୍ଷା ପରିଚାଳନା ହୋଇଥିଲା।

# ହଜିଗଲେଣି ଘରଚଟିଆ ଓ ଡାମରା କାଉ

## ଗୀତରେ ଶୁଣିବେ ଦୁଇ ଚଢ଼େଇଙ୍କ କଥା; ବିଲୁପ୍ତ ହେବାକୁ ବସିଲେଣି ନିରୀହ ପକ୍ଷୀ



ମୋରଡ଼ା, ୭।୬(ସମିସ): ଓଡ଼ିଶାରେ ଥିବା ଚଢ଼େଇମାନଙ୍କ ମଧ୍ୟରେ ଘରଚଟିଆ ବା ବାଇଚଢ଼େଇ ଅନ୍ୟତମ। ତେବେ; ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଭାବରେ ପରିଚିତ ଥିବାବେଳେ ବଣପାହାଡ଼ ଏହି ଜିଲ୍ଲାକୁ ଘେରି ରହିଛି। ବର୍ତ୍ତମାନ ଏଠାରେ ବାଇଚଢ଼େଇ ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିବା ସହ ତାଙ୍କର ବସା ଆଉ ଗାଁ ଗହଳିରେ ଦେଖିବାକୁ ମିଳୁନାହିଁ। ପକ୍ଷୀ ଜଗତରେ ଏହି ଚଢେଇ କୁଶଳୀ କାରିଗର ଭାବେ ପରିଚିତ ଥିବାବେଳେ ଏମାନେ ବିଶେଷ କରି ତାଳ ଓ ନଡ଼ିଆ ଭଳି ଡେଙ୍ଗା ଗଛରେ ଏବଂ ଚାଳ ଘରରେ ବସା ବାନ୍ଧୁଥିବାର ଦେଖିବାକୁ ମିଳୁଥିଲା କିନ୍ତୁ; ଏବେ ବିଲୁପ୍ତ ହୋଇଯାଇଛି। ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା ତାଙ୍କର ଅସ୍ୱାଭାବିକ ରାବ ଦ୍ୱାରା ସୂଚାଇଥାନ୍ତି ବୋଲି ପୂର୍ବରୁ ଲୋକେ ବିଶ୍ୱାସ କରୁଥିଲେ। ହେଲେ ବାଇଚଢ଼େଇ ବସାକୁ କିଛି ଲୋକ ଭାଙ୍ଗି ବଜାରରେ ବିକ୍ରି କରୁଥିବାର ମଧ୍ୟ ଲକ୍ଷ୍ୟ କରାଯାଉଛି। ଘର ଅଗଣାରେ ଧାନ, ମାଣ୍ଡିଆ ତଥା ଅନ୍ୟାନ୍ୟ ଶସ୍ୟ ଶୁଖାଇଲେ ଜଣେ ଲୋକ ବାଡ଼ି ଧରି ଜଗିବା ପାଇଁ ପଡୁଥିଲା। କାଳେ ଶୁଖାଇ ଥିବା ଶସ୍ୟକୁ ବାଇଚଢ଼େଇ ଆସି ଖାଇଯିବେନି ତ। ବର୍ତ୍ତମାନ ଏହି ପକ୍ଷୀ ଦେଖିବାକୁ ମିଳୁନାହିଁ କି ଶୁଭୁନାହିଁ ତାର କିଚିରି ମିଚିରି ଡାକ। ବାଇଚଢ଼େଇ ଗୋଟିଏ ଛୋଟିଆ ପକ୍ଷୀ ହୋଇଥିଲେ ମଧ୍ୟ ଲୋକମାନଙ୍କ ବେଶ ଖୁସି ଉନ୍ମୋଚନ ସୃଷ୍ଟି କରିଥାଏ। ଘର ଚାଲିଆରେ ବସା ବାନ୍ଧି ଚିକିରି ମିକିରି ଶବ୍ଦ କରି ଘର ଚାରି ପାଖେ ବୁଲିଥାଏ ସତେ ଯେପରି ଲୋକମାନଙ୍କ ସହ ତାର ସମ୍ପର୍କ ରହିଛି। ତେଣୁ ବଣ ଜଙ୍ଗଲରେ ନରହି ଲୋକ ରହୁଥିବା ଚାଲିଆ ଘରେ ବସା କରିଥାଏ। ସମୟର ପରିବର୍ତ୍ତନ ହେବା ସହ ସବୁ କିଛି ବଦଳି





ଗଲାଣି। ପ୍ରଶାସନ ପକ୍ଷରୁ କଚ୍ଚାଘର ଗୁଡିକୁ ପକ୍କା ଘର କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପ୍ରଶାସନ ଏହା ଘୋଷଣା କରିବା ପରେ ଲୋକମାନଙ୍କ ପାଇଁ ଖୁସି ଆଣି ଦେଇଥିବା ବେଳେ ବାଇଚଢ଼େଇ ପାଇଁ ଏହା କାଳ ସାଜିଛି। ଠିକ ସେହିପରି ବହିର ଚିତ୍ରରେ ସିମୀତ ହୋଇ ରହିଯାଇଛି। ଆଲାର୍ମ ଭଳି ଲୋକମାନଙ୍କୁ ନିଦରୁ ଉଠାଉଥିବା ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ। ବହିରେ ଲେଖାଥିବା ଏହି ଗୀତ ଶୁଣିଲେ ପୁଲକିତ ହୋଇଥାଏ। କାଉର ରାବ ଶୁଣି ଶିଶୁଟି ବି ଶୀତୁଆ ନିଦରୁ ଉଠିଯାଇଥାଏ। ହେଲେ ଆଜିକାଲି ଗାଁରେ ବି ଆଗଭଳି ସକାଳେ ଆଉ କାଉର କା କା ରାବ ଶୁଭୁନି। ଯଦି ପୂର୍ବ କାଳରେ ଘର ଆଗରେ କାଉ ରାବୁଥିଲେ ବେଳେବେଳେ ଏହାର ଶୁଭ ଓ ବେଳେବେଳେ ଅଶୁଭ ହୋଇଥାଏ। କାଉ ରାବ ଶୁଣି କେହି କେହି ଘରକୁ କୁଣିଆ ଆସୁଥିବା କଥା କହୁଥିବା ବେଳେ ଆଉ କେହି ଘରକୁ ଘୋର ବିପଦ ମାଡ଼ି ଆସୁଛି ବୋଲି ଭାବିଥାନ୍ତି।

### ପକ୍ଷୀମାନଙ୍କୁ ନେଇ କ'ଣ କହୁନ୍ତି ସେମାନେ....



ଚାଷୀର ପରମ ବନ୍ଧୁ ଭାବେ ବେଶ ଜଣାଶୁଣା ବାଇଚଢ଼େଇ ଏବେ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁ ନାହାନ୍ତି। ଆଗରୁ ଗାଁରେ ଥିବା ଚାଲିଆ ଘରେ ବାଇଚଢ଼େଇ ବାସ କରି ରହୁଥିଲେ। ବର୍ତ୍ତମାନ ଗାଁ ଗହଳିରେ ପ୍ରାୟ ଚାଳଘର ପକ୍କା ଘରରେ ପରିବର୍ତ୍ତନ ହେବା ପରେ ବାଇଚଢ଼େଇଙ୍କ ସଂଖ୍ୟା କମିଯାଇଛି।

ରଣଜିତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ



ଜଙ୍ଗଲ ଓ ପରିବେଶ ସନ୍ତୁଳନ ହରେଇବା ସହ ଗାଁ ଗାଁରେ କଂକ୍ରିଟ ରାସ୍ତା ଏବଂ ଚାଷ କାର୍ଯ୍ୟରେ ନିୟୋଜିତ ହେଉଥିବା ପ୍ରବଳ ମାତ୍ରାରେ ରାସାୟନିକ ସାରର ବ୍ୟବହାର ଯୋଗୁଁ ପକ୍ଷୀ ଜଗତ ଲୋପ ପାଇବାରେ ବସିଛି। ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱରରୁ ବାହାରୁଥିବା ତରଙ୍ଗ ଯୋଗୁଁ ବାଇଚଢ଼େଇଙ୍କ ସଂଖ୍ୟା ବିଶେଷ ଭାବରେ କମିଛି।

ପ୍ରତାପଚନ୍ଦ୍ର ମହାନ୍ତ, ପରିବେଶ ପ୍ରେମୀ ତଥା ବୁଦ୍ଧିଜୀବୀ



ପୂର୍ବରୁ ବାଇଚଢ଼େଇ ଘର ଚାରିପାଖରେ ଘୁରି ବୁଲି କିଚିରି ମିଚିରି ରାବ ପକାଉଥିଲେ। ଯାହା ଫଳରେ ବର୍ଷା ଆସିବ ବୋଲି ଆମେ ଜାଣି ପାରୁଥିଲୁ। ଏପରିକି କାଉର କା କା ଶବ୍ଦ ଶୁଣି ଆମେ ସକାଳ ହେଲା ଭାବି ନିଦରୁ ଉଠି ପଡୁଥିଲୁ। କିନ୍ତୁ; ବର୍ତ୍ତମାନ ସବୁକିଛି ବଦଳି ଗଲାଣି।

ମଧୁସ୍ମିତା ନାୟକ, ଗୃହିଣୀ

# ପୋଖରୀରୁ ଧରା ହେଲା ଦଶକେଜିଆ ମାଗୁର



**ରାମଚନ୍ଦ୍ରପୁର,୭।୬(ସମିସ):** ପୋଖରୀରୁ ଉଦ୍ଧାର ହେଲା ୧୦ କେଜିଆ ମାଗୁର ମାଛ। ଦେଖିବାକୁ ଜମିଲା ଲୋକଙ୍କ ଭିଡ। ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ନରଦା ଗ୍ରାମର ଅଶୋକ ସ୍ୱାଇଁ ଶୁକ୍ରବାର ଅପରାହ୍ନରେ ନିଜ ବାଡିରେ ଥିବା ପୋଖରୀ ଜାଲ ପକାଇବା ବେଳେ ଜାଲରେ ଦୁଇଟି ବିରାଟକାୟ ମାଗୁର ମାଛ ଧରାପଡିଥିଲେ। ସେଥି ମଧ୍ୟରୁ ଗୋଟିଏ ମାଗୁର ମାଛର ଓଜନ ୧୦ କିଲୋଗ୍ରାମ ହୋଇଥିବା ବେଳେ ଅନ୍ୟଟି ୬ କିଲୋଗ୍ରାମ ଥିବା ଦେଖିବାକୁ ମିଳିଛି। ଏତେ ବଡ ମାଛ ଦେଖିବାକୁ ତାଙ୍କ ଘରେ ଗାଁଲୋକଙ୍କ ଭିଡ଼ ଜମିଥିଲା। ଅଶୋକ ଦୁଇ ବର୍ଷ ତଳେ ନିଜ ପୋଖରୀରେ ରୋହି ଭାକୁର ସହ ମାତ୍ର ହାତଗଣତି କେତୋଟି ମାଗୁର ମାଛର ଜାଆଁଳ ଛାଡିଥିଲେ। ମାତ୍ର ଦୁଇ ବର୍ଷରେ ମାଗୁର ମାଛ ଏତେ ବଡ ହେବା ଘଟଣାକୁ ସେ ବିଶ୍ୱାସ କରିପାରୁନାହାଁନ୍ତି ବୋଲି କହିଥିଲେ।

# ଲକ୍ଷ୍ମୀ ବସ୍‌ରୁ ହଟିଲା ଲୋଗୋ



**ତୁରୁମୁଙ୍ଗା,୭।୬(ସମିସ):** ରାଜ୍ୟ ସରକାର ମୋ ଲକ୍ଷ୍ମୀ ବସ ଯୋଜନାରେ ଲକ୍ଷ୍ମୀ ବସ୍ ଚଲାଇଥିଲେ। ଏହି ବସ ଓଆର୍‌ସିଟିସି ପକ୍ଷରୁ ପରିଚାଳିତ ହେଉଛି। ଏଥି ପାଇଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବସ୍‌ର ଦୁଇ ପାଖରେ ଲେଖା ହୋଇଥିବା ଲକ୍ଷ୍ମୀ ବସ୍ ଓ ଦୁଇ ନର୍ତ୍ତକୀ ଶଙ୍ଖ ଫୁଙ୍କୁଥିବା ଷ୍ଟିକର ଉପରେ ମାଟିଆ ରଙ୍ଗର ସେଲୋଟେପ ଲଗା ଯାଇଥିଲା। କିନ୍ତୁ ଗୁରୁବାର ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ଚାଲୁଥିବା ଲକ୍ଷ୍ମୀ ବସ୍ ଗୁଡିକରେ ଲାଗିଥିବା ଲୋଗ ନଥିବା ଦେଖିବାକୁ ମିଳିଛି। ତେବେ ଏହି ଷ୍ଟିକର କିଏ କାଢ଼ିଲା ଏବଂ କାହା ନିର୍ଦ୍ଦେଶରେ କଢାଯାଇଛି; ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସାହାରପଡା ବ୍ଲକର ଲକ୍ଷ୍ମୀ ବସ୍ ଚଳାଚଳ ଦାୟୀତ୍ୱରେ ଥିବା ସୁପରଭାଇଜର ଲିପୁନ ନାଏକଙ୍କୁ ପଚାରିବାରୁ କିଏ କାଢ଼ିଲା ସେ ଜାଣି ନାହାଁନ୍ତି ବୋଲି କହିବା ସହ ଗାଡିର କର୍ମଚାରୀମାନେ ଜଳଖିଆ ଖାଉଥିବା ସମୟରେ ଦୁଇରୁ ତିନି ଜଣ ବ୍ୟକ୍ତି ଷ୍ଟିକର ଖୋଲିଥିବା କହିଛନ୍ତି। ବସ୍‌ରୁ ଷ୍ଟିକର କିଏ ଖୋଲିଛି ସେ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ସେ କହିଛନ୍ତି।

# ପ୍ରାର୍ଥୀଙ୍କୁ ପସନ୍ଦ କଲେନି ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟର

- ଲୋକସଭାରେ ନୋଟା ଭୋଟ୍ ୨୪,୭୬୩
- ବିଧାନସଭାରେ ନୋଟା ଭୋଟ୍ ୨୦,୬୦୩
- ସବୁଠୁ ଅଧିକ ତେଲକୋଇରେ ୬୮୭୭
- ତିନି ପ୍ରମୁଖ ପ୍ରାର୍ଥୀଙ୍କ ପରେ ନୋଟା



**କେନ୍ଦୁଝର/ଭୁବନେଶ୍ୱର, ୭।୬ (ସମିସ)**

ସରିଯାଇଛି ନିର୍ବାଚନ। ବାହାରି ସାରିଛି ଫଳାଫଳ। ହାରଜିତ୍‌କୁ ନେଇ କର୍ମୀଙ୍କ ଠାରୁ ନେତାଙ୍କ ପର୍ଯ୍ୟନ୍ତ ଗାଁରୁ ସହର, ଜିଲ୍ଲାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାଲିଛି ଅଙ୍କକଷା। କୋଉଠି ରହିଲା ଭୁଲ୍, କ'ଣ ରହିଗଲା ରଣନୀତିରେ କମି, କାହିଁକି ଭୋଟର କଲେନି ପସନ୍ଦ। ଏମିତି ଅନେକ ପ୍ରଶ୍ନର ଉତ୍ତର ପ୍ରାର୍ଥୀଙ୍କ ସମର୍ଥକମାନେ ଖୋଜୁଥିବା ବେଳେ ଆଉ ଏକ ଖବର ସମସ୍ତଙ୍କୁ ଚକିତ କରିଦେଇଛି। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ହଜାର ହଜାର ଭୋଟର ପ୍ରାର୍ଥୀଙ୍କୁ ପସନ୍ଦ କରିନାହାନ୍ତି। ବିଭିନ୍ନ ଦଳର ପ୍ରାର୍ଥୀ ତଥା ସ୍ୱାଧୀନ ପ୍ରାର୍ଥୀ ବହୁ ମନଲୋଭା ପ୍ରତିଶ୍ରୁତି, ମନମତାଣିଆ ନିର୍ବାଚନୀ ପ୍ରଚାର, ଆକର୍ଷଣୀୟ ଶୋଭାଯାତ୍ରା ଏବଂ କେହି କେହି ଭୋଟରଙ୍କୁ ଭୋଜି ଓ ଅର୍ଥ ବିତରଣ କରିଥିଲେ ମଧ୍ୟ କିଛି ଭୋଟରଙ୍କୁ ତାହା ପ୍ରଭାବିତ କରିପାରିନି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମାଳ ମାଳ ପ୍ରାର୍ଥୀ ଭୋଟରଙ୍କୁ ମନକୁ ପାଇନି। ତେଣୁ ସେମାନେ ବିକଳ୍ପ ଭାବେ 'ନୋଟା'କୁ ପସନ୍ଦ କରିଛନ୍ତି। ଯେଉଁଥିପାଇଁ କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ନୋଟାରେ ୨୪,୭୬୩ ଖଣ୍ଡ ଭୋଟ ପଡିଥିବା ବେଳେ ଏହି କ୍ଷେତ୍ର ଅଧୀନ ବିଭିନ୍ନ ବିଧାନସଭା କ୍ଷେତ୍ରରେ ପଡିଛି ମୋଟ ୨୦,୬୦୩ ଖଣ୍ଡ ଭୋଟ।

ନିର୍ବାଚନ କମିଶନର ସୂଚନା ଅନୁସାରେ, କେନ୍ଦୁଝରର ସଂସଦୀୟ କ୍ଷେତ୍ରରେ ୧୨,୫୬,୬୧୫ ଜଣ ଭୋଟର ନିଜର ମତଦାନ କରିଛନ୍ତି। ଏଥିରୁ ୩ ପ୍ରମୁଖ ପ୍ରାର୍ଥୀ ବିଜେପିର ଅନନ୍ତ ନାଏକ ୫,୭୩,୯୨୩ ଖଣ୍ଡ ଅର୍ଥାତ୍ ୪୫.୬୭ ପ୍ରତିଶତ ଭୋଟ ପାଇଥିବା ବେଳେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱି ବିଜେଡିର ଧନୁର୍ଜୟ ସିଦୁ ୪,୭୬,୮୮୧ ଅର୍ଥାତ୍ ୩୭.୯୫ ପ୍ରତିଶତ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଇଂ. ବିନୋଦ ନାଏକ ୧,୦୫,୨୭୮ ଅର୍ଥାତ୍ ୮.୩୮ ପ୍ରତିଶତ ଭୋଟ ପାଇଛନ୍ତି। ସେହିପରି ୪ର୍ଥ ସ୍ଥାନରେ ଅଛନ୍ତି ସ୍ୱାଧୀନ ପ୍ରାର୍ଥୀ ଜନ୍ ମିରାନ୍ ମୁଣ୍ଡା। ଯିଏକି ମୋଟ ୨.୫୩ ପ୍ରତିଶତ ଅର୍ଥାତ୍ ୩୧,୭୨୯ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଏହି ୪ ପ୍ରମୁଖ ପ୍ରାର୍ଥୀଙ୍କ ପରେ ଅଛି ନୋଟା। ଯେଉଁଥିରେ ପଡିଛି ୨୪,୭୬୩ ଖଣ୍ଡ ଅର୍ଥାତ୍ ୧.୯୭ ପ୍ରତିଶତ ଭୋଟ। ନୋଟା ତଳକୁ ଅଛନ୍ତି ୭ ଜଣ ପ୍ରାର୍ଥୀ। ଯେଉଁମାନେ ନୋଟାରେ ମିଳିଥିବା ଭୋଟ ଠାରୁ କମ ଭୋଟ ପାଇଛନ୍ତି। ଜଣେ କେବଳ ୧୧,୦୪୩ ଖଣ୍ଡ ଭୋଟ ପାଇଥିବା ବେଳେ ଅନ୍ୟମାନେ ୧୦ ହଜାର ତଳେ ଅଛନ୍ତି।

ସେହିପରି ବିଧାନସଭା କ୍ଷେତ୍ର ମଧ୍ୟରେ ସବୁଠୁ ଅଧିକ ନୋଟାରେ ଭୋଟ ପଡିଛି ତେଲକୋଇରେ। ଏଠାରେ ମୋଟ ଭୋଟ ୧,୯୨,୭୧୯ ଖଣ୍ଡରୁ ନୋଟାରେ ପଡିଛି ୩.୫୭ ପ୍ରତିଶତ ଅର୍ଥାତ୍ ୬୮୭୭ ଖଣ୍ଡ। ଏଠାରେ ୩ ପ୍ରମୁଖ ପ୍ରାର୍ଥୀ ବିଜେପି ୮୩,୮୧୮ ଅର୍ଥାତ୍ ୪୩,୪୯ ପ୍ରତିଶତ, ବିଜେଡି ୭୪,୩୭୯ ଅର୍ଥାତ୍ ୩୮.୫୯ ପ୍ରତିଶତ, କଂଗ୍ରେସ ୧୧,୩୯୫ ଅର୍ଥାତ୍ ୫.୯୧ ପ୍ରତିଶତ ଭୋଟ ପାଇଛନ୍ତି। ନୋଟା ୪ର୍ଥ ସ୍ଥାନରେ ଥିବା ବେଳେ ନୋଟା ତଳେ ଅଛନ୍ତି ୪ ଜଣ ପ୍ରାର୍ଥୀ।

ନୋଟାରେ ଦ୍ୱିତୀୟ ସର୍ବାଧିକ ଭୋଟ ପଡିଛି ଏହି ସଂସଦୀୟ କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଆସନରେ। ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧ ପ୍ରାର୍ଥୀଙ୍କ ମଧ୍ୟରେ ନୋଟାର ସ୍ଥାନ ରହିଛି ୫ମ ସ୍ଥାନରେ। ଏଠାରେ ମତଦାନ କରିଥିବା ୧,୪୯,୯୮୯ ଜଣ ଭୋଟରଙ୍କୁ ମଧ୍ୟରୁ ନୋଟାରେ ଦେଇଛନ୍ତି ୩୨୬୧ ଜଣ ଅର୍ଥାତ୍ ୨.୧୭ ପ୍ରତିଶତ। ନୋଟା ଉପରକୁ ଅଛି ବିଜେପି ୪୩.୪୮ ପ୍ରତିଶତ (୬୫,୩୫୭), ବିଜେଡି ୨୩.୮୫ ପ୍ରତିଶତ (୩୫,୮୫୮), କଂଗ୍ରେସ ୧୬.୯୪ ପ୍ରତିଶତ (୨୫,୪୭୧) ଏବଂ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ବିଜୟ ନାଏକ ୭.୮୨ ପ୍ରତିଶତ (୧୧,୭୫୪) ଭୋଟ ପାଇଛନ୍ତି। ନୋଟା ତଳକୁ ୭ ଜଣ ପ୍ରାର୍ଥୀ ଅଛନ୍ତି। ଯେଉଁମାନଙ୍କୁ ଭୋଟ ପ୍ରତିଶତ ବହୁ କମ।

ସେହିପରି କେନ୍ଦୁଝର ସଦର ବିଧାନସଭା କ୍ଷେତ୍ରରେ ନୋଟାର ସ୍ଥାନ ୪ର୍ଥ। ଏଠାରେ ପଡ଼ିଥିବା ୧,୮୬,୬୫୨ ଖଣ୍ଡ ଭୋଟରୁ ନୋଟାକୁ ଯାଇଛି ୩୧୨୦ ଖଣ୍ଡ ଭୋଟ; ଯାହା ମୋଟ ଭୋଟର ୧.୬୭ ପ୍ରତିଶତ। ନୋଟା ଉପରକୁ ୩ ପ୍ରମୁଖ ଦଳର ପ୍ରାର୍ଥୀ ଥିବା ବେଳେ ନୋଟା ତଳକୁ ଅଛନ୍ତି ୭ ଜଣ। ଏଠାରେ ବିଜେପି ୮୭,୮୧୫ (୪୭.୦୫ ପ୍ରତିଶତ), ବିଜେଡି ୭୬,୨୩୮ (୪୦.୮୪ ପ୍ରତିଶତ), କଂଗ୍ରେସ ୧୧,୯୦୪ (୬.୩୮ ପ୍ରତିଶତ) ଭୋଟ ପାଇଛି।

ପାଟଣା ନିର୍ବାଚନ ମଣ୍ଡଳୀରେ ଥିବା ୧୦ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନୋଟାର ସ୍ଥାନ ୪ର୍ଥ। ଏଠାରେ ନୋଟାରେ ପଡିଛି ୧.୩୫ ପ୍ରତିଶତ ଅର୍ଥାତ୍ ୨୫୫୩ ଖଣ୍ଡ ଭୋଟ। ନୋଟା ଉପରେ ଅଛି ବିଜେପି ୫୫.୭୩ ପ୍ରତିଶତ, ବିଜେଡି ୩୩.୯୧ ପ୍ରତିଶତ, କଂଗ୍ରେସ ୫.୬୭ ପ୍ରତିଶତ। ଅନ୍ୟ ୭ ଜଣ ପ୍ରାର୍ଥୀ କେହି ୧ ପ୍ରତିଶତ ବି ଛୁଇଁ ପାରିନାହାନ୍ତି।

ରୋଚକ ଲଢେଇ ହେଉଥିବା ଘସିପୁରାରେ ୧୮୪୪ ଜଣ ୧୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କାହାରିକୁ ପସନ୍ଦ କରିନାହାନ୍ତି। ତେବେ ଏଠାରେ ନୋଟାର ସ୍ଥାନ ୬ଷ୍ଠ। ତିନି ପ୍ରମୁଖ ଦଳ ସହ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ନୋଟା ଉପରେ ଥିବା ବେଳେ ନୋଟା ତଳେ ଅଛନ୍ତି ୮ ଜଣ ପ୍ରାର୍ଥୀ। ଏଠାରେ ମୋଟ ଭୋଟ ୧,୮୭,୭୦୭ରୁ ନୋଟାରେ ପଡିଛି ୦.୯୮ ପ୍ରତିଶତ। ଏଠାରେ ବିଜେଡି ୪୩.୯୬ ପ୍ରତିଶତ, ସ୍ୱାଧୀନ (ସୌମ୍ୟରଞ୍ଜନ ପଟ୍ଟନାୟକ) ୩୬.୬ ପ୍ରତିଶତ, ବିଜେପି ୧୨.୬୯, ସ୍ୱାଦୀନ (ଦେବେନ୍ଦ୍ର ନାଥ ସ୍ୱାଇଁ) ୧.୫୪ ପ୍ରତିଶତ, କଂଗ୍ରେସ ୧.୫୦ ପ୍ରତିଶତ ଭୋଟ ପାଇଛନ୍ତି। ନୋଟା ସମେତ ଅନ୍ୟମାନେ ୧ ପ୍ରତିଶତରୁ କମ ଭୋଟ ପାଇଛନ୍ତି।

ଆନନ୍ଦପୁର ଆସନରେ ସବୁଠାରୁ କମ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଏଠାରେ ନୋଟାର ସ୍ଥାନ ୫ମ। ଏଠାରେ ମୋଟ ୧,୮୦,୫୯୯ ଭୋଟରୁ ନୋଟାରେ ପଡିଛି ୧୬୦୫ ଖଣ୍ଡ ଭୋଟ। ଯାହା ମୋଟ ଭୋଟର ୦.୮୯ ପ୍ରତିଶତ। ଏଠାରେ ବିଜେଡି ୩୯.୬୭ ପ୍ରତିଶତ, କଂଗ୍ରେସ ୩୩.୬ ପ୍ରତିଶତ, ବିଜେପି ୨୩.୫୮ ପ୍ରତିଶତ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଝାରନସୀ ରାଣୀ ଦାସ ପାଇଛନ୍ତି ୦.୯୫ ପ୍ରତିଶତ। ତେବେ ନୋଟା ତଳେ ଥିବା ୩ ଜଣ ପ୍ରାର୍ଥୀଙ୍କ ଭୋଟ ୧ ପ୍ରତିଶତ ବି ଛୁଇଁ ପାରିନି। ଏମାନଙ୍କ ମୋଟ ଭୋଟ ହଜାରରୁ ବି କମ।

ସେହିପରି ସବୁଠାରୁ ଅଧିକ ୧୫ ଜଣ ପ୍ରାର୍ଥୀ ଲଢୁଥିବା ଚମ୍ପୁଆରେ ନୋଟାର ସ୍ଥାନ ୪ର୍ଥ। ଅର୍ଥାତ ଏଠାରେ ନୋଟା ତଳେ ଅଛନ୍ତି ୧୨ ଜଣ। ଏଠାରେ ଚଳିତ ଥର ୧,୮୨,୬୬୮ ଜଣ ଭୋଟର ନିଜର ମତଦାନ କରିଛନ୍ତି। ଏଥିରୁ ନୋଟାରେ ପଡିଛି ୧୩୪୩ ଖଣ୍ଡ ଭୋଟ; ଯାହା ୦.୭୪ ପ୍ରତିଶତ। ଏଠାରେ ବିଜେଡି ପାଇଛି ୫୬.୪୫ ପ୍ରତିଶତ, ବିଜେପି ପାଇଛି ୩୪.୫୬ ପ୍ରତିଶତ, କଂଗ୍ରେସ ପାଇଛି ମାତ୍ର ୪.୭୩ ପ୍ରତିଶତ। ନୋଟା ସମେତ ଅନ୍ୟ କୌଣସି ପ୍ରାର୍ଥୀ ଏଠାରେ ୧ ପ୍ରତିଶତ ଛୁଇଁ ପାରିନାହାନ୍ତି। ଜଣେ ମାତ୍ର ହଜାର ଉପରେ ଥିବା ବେଳେ ୧୧ ଜଣଙ୍କ ଭୋଟ ହଜାର ବି ଛୁଇଁ ପାରିନି।

# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶିଶୁ ଶିବିର

**କେନ୍ଦୁଝର,୭।୬(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦୁଝର ଶାଖା ତରଫରୁ ଶୁକ୍ରବାରଠାରୁ ଏକ ଗ୍ରୀଷ୍ମକାଳୀନ ଶିଶୁ ଶିବିର ସ୍ଥାନୀୟ ପୁରୁଣାବଜାର ସ୍ଥିତ ନବନିର୍ମିତ ସୁଖଶାନ୍ତି ସରୋବର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଏହି ଶିବିରକୁ କିଡ୍‌ଜୀ ପବ୍ଲିକ ସ୍କୁଲର ଡାଇରେକ୍ଟର ତଥା ଧରଣୀଧର ମହାବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ପ୍ରଫେସର ଭାବେ କାର୍ଯ୍ୟରତ ଡ. ସରିତା ଗୌତମ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଡ. ମମତାରାଣୀ ଜେନା, କେନ୍ଦୁଝର ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ, ବଡବିଲ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ପ୍ରମୁଖ ଯୋଗଦେଇଥିଲେ। ଡ. ସରିତା ଗୌତମ ଛାତ୍ର ଜୀବନରେ ସର୍ବାଙ୍ଗୀନ ବିକାଶ ପାଇଁ ପିତାମାତାଙ୍କ ଭୂମିକା, ଉତ୍ତମ ଚରିତ୍ର ଗଠନ, ଦୃଢ ମନୋବଳ ଦ୍ୱାରା ମାନସିକ ଓ ବୌଦ୍ଧିକ ବିକାଶ ସଂପର୍କରେ ଉଦ୍‌ବୋଧନ ଦେଇଥିବା ବେଳେ ଶ୍ରୀମତୀ ସାହୁ ପିଲାମାନଙ୍କୁ ପାଠପଢା ସଂଗେ ସଂଗେ ଆଧ୍ୟାନିକ ଜ୍ଞାନର ଆବଶ୍ୟକତା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଡ. ମମତାରାଣୀ ଜେନା ପିଲାମାନଙ୍କର ଉମଙ୍ଗ ଉତ୍ସାହ ବଢାଇଥିବା ବେଳେ ବିନ୍ଦୁ ଭଉଣୀ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ବ୍ରହ୍ମାକୁମାର କୃତିବାସ ସଭା ପରିଚାଳନା କରିଥିଲେ ଓ ପରିଶେଷରେ ବ୍ରହ୍ମାକୁମାରୀ ଜୟନ୍ତୀ ପିଲାମାନଙ୍କୁ କୃତଜ୍ଞତାର ଶିକ୍ଷା ଦେଇଥିଲେ। ଯେଉଁଥିରେ ପିଲାମାନେ ନିଜର ପିତାମାତା, ପରିବାର, ସାଙ୍ଗସାଥି, ସମାଜ, ପ୍ରକୃତି ତଥା ସର୍ବୋପରି ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ତ୍ରିଦିବସୀୟ ଏହି ଗ୍ରୀଷ୍ମକାଳୀନ ଶିଶୁ ଶିବିରରେ ପ୍ରାୟ ୮୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ବିଭିନ୍ନ ଟିମ୍ ବିଲଡିଂ ଆକ୍ଟିଭିଟି ଓ ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଇଥିବାବେଳେ ଆଗାମୀ ଦୁଇଦିନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ନୈତିକ ମୂଲ୍ୟବୋଧ ସଂପନ୍ନ କାର୍ଯ୍ୟକ୍ରମ, ଶାରୀରିକ କ୍ରୀଡା ଆଦି ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି।




# ଘଡ଼ଘଡ଼ି ବର୍ଷା; ଗରମରୁ ମିଳିଲା ଆଶ୍ୱସ୍ତି

**କେନ୍ଦୁଝର,୭।୬(ସମିସ):** କେନ୍ଦୁଝର ସହର ଓ ଆଖପାଖରେ ଶୁକ୍ରବାର ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହୋଇଯାଇଛି। ଫଳରେ ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଗୁରୁବାର ଦିନ କେନ୍ଦୁଝରରେ ୧୦.୭ ମିଲିମିଟର ବର୍ଷା ହୋଇଥିଲା। ସେହିଭଳି ଶୁକ୍ରବାର ଅପରାହ୍ନରେ କେନ୍ଦୁଝର ସହରରେ ୮.୪ ମିଲିମିଟର ବର୍ଷା ହୋଇଯାଇଛି। ଆହୁରି ବର୍ଷା ସମ୍ଭାବନା ରହିଛି।

# ନେଟ୍ ଅଚଳ; ଚମ୍ପୁଆ ତହସିଲ କାର୍ଯ୍ୟ ଠପ୍




**ଚମ୍ପୁଆ,୭।୬(ସମିସ):** ବିଭିନ୍ନ ସରକାରୀ କାର୍ଯ୍ୟକୁ ସରଳ ଓ ସୁଗମ କରିବା ଲକ୍ଷ୍ୟ ନେଇ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ମାତ୍ର ଅଚଳ ନେଟ୍ ପାଇଁ ଦୀର୍ଘ ୧୨ ଦିନ ହେବ କାମ ନହୋଇ ପଡିରହିଥିବା ବେଳେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଉଥିବା ଦେଖିବାକୁ ମିଳିଛି ଚମ୍ପୁଆ ତହସିଲ କାର୍ଯ୍ୟାଳୟରେ। ସରକାରୀ ପ୍ରଦତ ନେଟ ମାଧ୍ୟମରେ ସମସ୍ତ କାମ କରାଯାଏ। ନେଟ ଫେଲ ଯୋଗୁଁ ଉକ୍ତ କାମ ଗୁଡିକ ପଡି ରହୁଥିବା ବେଳେ କର୍ମଚାରୀମାନେ ମୋବାଇଲ ନେଟ ମାଧ୍ୟମରେ କେବଳ ସାର୍ଟିଫିକେଟ୍ କାମ କରାଯାଉଛି ବୋଲି କହିଛନ୍ତି। ଏହି ନେଟ୍ ଫେଲ ବାବଦରେ ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଛି। ଆଶା ଖୁବ ଶିଘ୍ର ଏହାର ସମାଧାନ ହେବ। ସୂଚନା ଅନୁସାରେ ଚମ୍ପୁଆ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ନେଟ୍ ୨ ସପ୍ତାହ ହେବ କାର୍ଯ୍ୟ କରୁନଥିବାରୁ ଜମି ଜମା ସଂକ୍ରାନ୍ତିୟ କାର୍ଯ୍ୟ ଯଥା- କିଶମ ପରିବର୍ତ୍ତନ, ସଂଶୋଧନ, ଲିଗାଲ ହେୟାର, ପଟ୍ଟା ଆଦି ବହୁ କାର୍ଯ୍ୟ ଏକପ୍ରକାର ଠପ ହୋଇ ପଡିରହିଛି। ଏହି ତହସିଲ ଉପରେ ଚମ୍ପୁଆ, ଚିମିଲା, ରିମୁଳି, ଭୁଇଁପୁର, କରଞ୍ଜିଆ, ଭଣ୍ଡା, ଜ୍ୟୋତିପୁର ଆଦି ୭ ଗୋଟି ରାଜସ୍ୱ ନରୀକ୍ଷକ କାର୍ଯ୍ୟାଳୟ ରହିଥିବା ବେଳେ ପ୍ରାୟ ସମସ୍ତ ଜମିଜମା ସଂକ୍ରାନ୍ତିୟ କାର୍ଯ୍ୟ ଏହି କାର୍ଯ୍ୟାଳୟରେ କରାହୋଇ ଆସୁଛି। ନେଟ୍ ଫେଲ ଯୋଗୁଁ ଜନସାଧାରଣ ମାନେ ଦୁରଦୁରାନ୍ତରୁ ଆସି ଫେରିବା ସହିତ ଆର୍ଥିକ ବୋଝ ଉଠାଉଛନ୍ତି। ଏପରିକି ଅନେକ ଲୋକ କାର୍ଯ୍ୟ ପାଇଁ ଆସି ନିୟନ୍ତା ହେଉଛନ୍ତି। ଏ ନେଇ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥିଙ୍କୁ ପଚାରିବାରୁ ଦୀର୍ଘ ୧୨ ରୁ ୧୩ ଦିନ ହେବ ଏଭଳି ଅସୁବିଧା ସମ୍ମୁଖିନ ହେଉଛୁ।

# ବାଇକ୍ ଧକ୍କାରେ କୁଟୁରା ମୃତ; ଚାଳକ ଗୁରୁତର



**ରାମଚନ୍ଦ୍ରପୁର,୭।୬(ସମିସ):** ବାଇକ ଧକ୍କାରେ ଏକ ଅଣ୍ଡିରା କୁଟୁରା ମରିଥିବା ବେଳେ ବାଇକ୍ ଆରୋହୀ ଗୁରୁତର ଆହାତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ରାମଚନ୍ଦ୍ରପୁର ଥାନା ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା ଗାଁ କୁସୁମେଇ ପୀଠ ନିକଟରେ ଆଜି ଭୋର ସମୟରେ ସ୍ଥାନୀୟ ଦାନ୍ତିଆ ଗାଁର ଶିଶିର ଚନ୍ଦ୍ର ସ୍ୱାଇଁ (୪୮) କଳିଙ୍ଗ ନଗର ଶିଳ୍ପାଞ୍ଚଳକୁ ଯାଉଥିବା ସମୟରେ ଅଚାନକ ଏକ କୁଟୁରା ରାସ୍ତା ଉପରକୁ ଆସି ଯିବାରୁ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କୁଟୁରାଟିର ମୃତ୍ୟୁ ହୋଇଯାଇଥିବା ବେଳେ ଶିଶିର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଆହାତ ଯୁବକଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିବା ଜଣାପଡିଛି। ଅନ୍ୟପଟେ ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି କୁଟୁରାର ମୃତଦେହକୁ ଜବତ କରି ଦୁର୍ଘଟଣା ସଂମ୍ପର୍କରେ ତଦନ୍ତ ଚଳାଇଥିବା ଜଣାପଡିଛି।

# ହଦଗଡ଼ରେ ପରିବେଶ ଦିବସ ପାଳିତ



**ସୋସୋ, ୭।୬ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ହଦଗଡ଼ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ହଦଗଡ ବନ ଖଣ୍ଡ ଅଧିକାରୀ ମାର୍ଶାଲ କିସ୍କୁ, ଫରେଷ୍ଟର ଡମ୍ବୁର ଧର ମହାନ୍ତ, ଫରେଷ୍ଟର ମଳୟ କୁମାର ସାହୁ, ଫରେଷ୍ଟ ଗାର୍ଡ ରଶ୍ମିରଞ୍ଜନ ରାଉତ, ଦିନେଶ ମାଝୀ ଓ ଜ୍ୟୋତି ରଞ୍ଜନ ମାଝୀଙ୍କ ଉପସ୍ଥିତିରେ ଗାଁ ଓ ବନ କମିଟିଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ବଣ ଜଙ୍ଗଲ ଓ ଗ୍ରାମାଞ୍ଚଳ ଗୁଡ଼ିକରେ ବୃକ୍ଷ ରୋପଣ କରାଗଲେ ପରିବେଶକୁ ସୁରକ୍ଷା ରହିବା ସହିତ ବନ୍ୟ ଜନ୍ତୁ ସୁରକ୍ଷା ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଆଜି ଦିନରେ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ପ୍ରଦାନ କରିଥିଲେ। ଏହି ସମୟରେ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ତେଲକୋଇ,୭।୬(ସମିସ):** ଓଡିଶା ଡ୍ରାଇଭର ମହାସଂଘ ତେଲକୋଇ ବ୍ଲକ ସାଖା ପକ୍ଷରୁ ବ୍ଲକ ଉପଦେଷ୍ଟା ରମାକାନ୍ତ ମହାନ୍ତ ଓ ସମ୍ପାଦକ ସରୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ନବ ନିର୍ବାଚିତ ହୋଇଥିବା ବିଧାୟକ ଡ.ଫକୀର ମୋହନ ନାଏକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଇସୁଆଁ ପଞ୍ଚାୟତ ଝାଟିକିପଶି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାସଂଘର ରାଇସୁଆଁ ପଞ୍ଚାୟତ ସଭାପତି ଭାସ୍କର ଚନ୍ଦ୍ର ମହାନ୍ତ, ସିରିଗିଡା ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ରୋହିତ କୁମାର ବାରିକ ସିରିଗିଡା ପଞ୍ଚାୟତ ଉପଦେଷ୍ଟା ଟିକାରାମ ମହାନ୍ତ ପ୍ରମୁଖ ଶତାଧିକ ଡ୍ରାଇଭର ଭାଇମାନଙ୍କର ମିଳିତ କ୍ରମେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।



# ଶିଶୁପୁତ୍ରର ଆକସ୍ମିକ ମୃତ୍ୟୁ

**ଯୋଡା,୭।୬(ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଭାଗଲପୁର ଗ୍ରାମର ଜଣେ ଶିଶୁ ପୁତ୍ର ଖେଳୁ ଖେଳୁ ହଠାତ୍ ମୃତ୍ୟୁ ଘଟିଛି। ଶିଶୁ ର ମୃତ୍ୟୁ କୁ ନେଇ ଅଂଶୁଘାତ ସନ୍ଦେହ ଦେଖାଦେଇଛି। ମୃତ ଶିଶୁର ନାମ ସୁଜିତ୍ ମୁଣ୍ଡା (୪) ବୋଲି ଜଣାପଡିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୩.୩୦ମିନିଟ ସମୟରେ ମୃତ ଶିଶୁପୁତ୍ର ସୁଜିତ୍ ମୁଣ୍ଡା ଖାଇ ସାରି ଘର ନିକଟରେ ଥିବା ଗଛ ମୂଳେ ଖେଳୁ ଥିବା ସମୟରେ ହଠାତ୍ ଅଚେତ୍ ହୋଇ ପଡ଼ିଲେ। ତାଙ୍କୁ ପରିବାର ଲୋକେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ହେଁ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଏ ନେଇ ବିଲେଇପଦା ଫାଣ୍ଡିରେ ମୃତ ଶିଶୁର ବାପା ମନୋଜ ମୁଣ୍ଡାଙ୍କ ଏତଲା କ୍ରମେ ଏକ ଅପମୃତ୍ୟୁ ମାମଲା ନଂ ୨୩/୨୦୨୪ ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ବାଳକ ମୃତ

**ତେଲକୋଇ ,୭।୬(ସମିସ):** ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତର ଆକୁଳ ଗ୍ରାମରେ ଜଣେ ବାଳକ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତ ବାଳକ ଜଣଙ୍କ ହେଲେ ଗ୍ରାମର ବସନ୍ତ ନାୟକଙ୍କ ପୁଅ ସନ୍ଦୀପ କୁମାର ନାୟକ (୧୨)। ସୁଚନାନୁଜୟୀ ସନ୍ଦୀପ ଆଜି ଦିନ ୧୦ଘଟିକା ସମୟରେ ତେଲ ସାବୁନ ଧରି ଗାଁ ମୁଣ୍ଡ ପୋଖରୀକୁ ସାଙ୍ଗମାନଙ୍କ ସହିତ ଗାଧୋଇବା ପାଇଁ ଯାଇଥିଲେ। ତେବେ ଗାଧୋଇବା ବେଳେ ସନ୍ଦୀପର ଗଭୀର ପାଣିକୁ ଗୋଡ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ସାଥିରେ ଥିବା ସାଙ୍ଗ ମାନେ ଗାଁକୁ ଆସି ପାରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସନ୍ଦୀପକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପକ୍ଷରୁ ଶବ ଜବତ କରିବା ସହିତ କେସ ନଂ ୨୮/୨୪ରେ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ



**ବେଲବାହାଲି,୭।୬(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ବଡ଼ପଡ଼ିଆ ଗ୍ରାମର ସର ରଣା (୮୫)ଙ୍କ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମଙ୍ଗଳବାର ଭୟଙ୍କର କାଳବୈଶାଖୀ ହୋଇଥିଲା ଫଳରେ ତିନି ଦିନ ଧରି ବିଦ୍ୟୁତ୍ ନ ଆସିବାରୁ ବିଷଣ ରୌଦ୍ରତାପ ଓ ଅସହ୍ୟ ତାପପ୍ରବାହରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଥିଲା। ଫଳରେ ନିଃଶ୍ୱାସ ନେବାରେ କଷ୍ଟ ହେବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସରଙ୍କୁ ପରିବାର ଲୋକେ ଗୁରୁବାର ଦିନ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍ଗୀନ ହେବାରୁ ସଂଗେ ସଂଗେ ଡାକ୍ତର କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ସରକୁ ମୃତ ଘୋଷଣା କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମ ପରାୟଣ ମହିଳା ଭାବରେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପାଞ୍ଚ ପୁଅ, ବୋହୂ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଓ ପ୍ରିୟଜନ ମାନେ ଶେଷ ଦର୍ଶନ କରିବା ପାଇଁ ବାସଭବନରେ ଉପସ୍ଥିତ ଥିଲେ।ଜଗନ୍ନାଥ ସଂସ୍କୃତି ପରମ୍ପରା ଅନୁଯାୟୀ କୁଷେଇ ନଦୀ କୂଳରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା।

